Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 86
Saturday, 30 May 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୩୦ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଓଡ଼ିଶାର କୃଷି ବର୍ଷକୁ ୫.୩ ପ୍ରତିଶତ ବଢୁଛି : ଉପମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯/୫ (ଆ.ପ୍ର) : ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଖରିଫ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଛନ୍ତି । ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶାରେ କୃଷିର ବିକାଶ କଥା ବର୍ଣ୍ଣନା କରିବା ସହ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର କୃଷି କ୍ଷେତ୍ର ଆନୁମାନିକ ୫.୩% ହାରରେ ଅଭିବୃଦ୍ଧି ହାସଲ କରୁଛି, ଯାହା ଜାତୀୟ ହାର (୩.୧%) ତୁଳନାରେ ଯଥେଷ୍ଟ ଅଧିକ ବୋଲି କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ବକ୍ତବ୍ୟରେ କହିଛନ୍ତି, ଏହି ଅର୍ଥନୈତିକ ସଫଳତା ଗତ ୨୦୨୪-୨୫ ବର୍ଷ ମଧ୍ୟରେ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍ ରୁ ଅଧିକ ଖାଦ୍ୟଶସ୍ୟ ଏବଂ ୧୫୬ ଲକ୍ଷ ମେଟ୍ରିକ ଟନ୍ ଉଦ୍ୟାନ କୃଷି ଉତ୍ପାଦ ଅମଳ କରାଯାଇଛି । ଏହି ଅବସରରେ, ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆସନ୍ତା ୨୦୨୬ ଖରିଫ ସିଜିନ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତି ଉପରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ଚଳିତ ବର୍ଷ ୫୭.୪୦ ଲକ୍ଷ ହେକ୍ଟର ଜମିରେ ଚାଷ କରିବାର ବୃହତ ଲକ୍ଷ୍ୟ ରଖାଯାଇଛି । ଏହି ମହତ୍ୱାକାଂକ୍ଷୀ ଚାଷ

ଅଭିଯାନକୁ ସହାୟତା କରିବା ପାଇଁ ଓଡ଼ିଶା ପକ୍ଷରୁ ୪ ଲକ୍ଷ କ୍ୱିଂଟାଲ ପ୍ରାମାଣିକ ବିହନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଏବଂ ସଠିକ୍ ସମୟରେ ୧୧.୪୩ ଲକ୍ଷ ମେଟ୍ରିକ ଟନ୍ ସାର ମହଜୁଦ ରଖିବା ପାଇଁ ୨୪୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । କେନ୍ଦ୍ର ନିକଟରେ ଓଡ଼ିଶାର ଦାବି ଏବଂ ନୀତିଗତ ସଂସ୍କାର ପ୍ରସ୍ତାବ ରଖିଛନ୍ତି । ଏଥିରେ, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳତା ପାଇଁ ମିଶନ ଅଧୀନରେ ରାଜ୍ୟ ପକ୍ଷରୁ ଡାଲି ଫସଲ ପ୍ରଦର୍ଶନ କାର୍ଯ୍ୟକ୍ରମର ଆବଂଟନକୁ ୨୪.୭୪ କୋଟି ଟଙ୍କା (୨୪,୭୪୦ ହେକ୍ଟର ପାଇଁ) ରୁ ୨୦୦ କୋଟି ଟଙ୍କାକୁ (୨,୦୦,୦୦୦ ହେକ୍ଟର ପାଇଁ) ବୃଦ୍ଧି କରିବା । ରାଜ୍ୟର ୮୦.୫୦ କୋଟି ଟଙ୍କାର ଡିଜିଟାଲ୍ ଫସଲ ସର୍ବେକ୍ଷଣ ବାର୍ଷିକ କାର୍ଯ୍ୟ ଯୋଜନାକୁ ସମ୍ପୂର୍ଣ୍ଣ ମଞ୍ଜୁର କରିବା, ମୂଲ୍ୟ ସହାୟତା ଯୋଜନା ପେମେଂଟ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏକ ପ୍ରସ୍ତାବ ଦିଆଯାଇଛି । ଗୁଣବତା ଯାଂଚ କେବଳ ମଣ୍ଡି ବା ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଥରେ ମାତ୍ର କରାଯାଉ, ଯଦ୍ୱାରା ରାଜ୍ୟସ୍ତରୀୟ ସହାୟକ ସଂସ୍ଥା (MARKFED) ଗୋଦାମଗୁଡ଼ିକରେ ଦ୍ୱିତୀୟ ଥର ଯାଂଚ ପାଇଁ ଅପେକ୍ଷା ନକରି ଚାଷୀଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରାଯାଇପାରିବ ବୋଲି ମତ ଦେଇଛନ୍ତି । ସେହିଭଳି 'ବଳଭଦ୍ର ଜୈବିକ ଚାଷ ମିଶନ', ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ପାଇଁ ସୁବାସିତ ଜୈବିକ ଧାନ ଚାଷ କରିବା ପାଇଁ ଐତିହାସିକ "ଅମୃତ ଅନ୍ନ" ଯୋଜନା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଆଦିବାସୀ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନିକଟରେ ପ୍ରଶଂସିତ ହୋଇଥିବା ଉଚ୍ଚ-ପାର୍ବତ୍ୟ ଅଂଚଳର ଜୈବିକ 'କୋରାପୁଟ କଫି' ଚାଷକୁ ଏକ ଲକ୍ଷ ଏକର ଜମିରେ ବିସ୍ତାର କରିବା ପାଇଁ ରାଜ୍ୟର ୧୦ ବର୍ଷିଆ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି । ଉଦ୍ୟାନ କୃଷି, ତାଳତେଲ, ନଳକୂପ ସବ୍‌ସିଡି ୧ଲକ୍ଷ ଟଙ୍କାକୁ ବୃଦ୍ଧି, ହାତୀ ଉପଦ୍ରବରୁ ରକ୍ଷା ନିମନ୍ତେ କଂଟା ତାରବାଡ଼, ଅଦା ଏବଂ ହଳଦୀ ଭଳି ଜାତୀୟ ମସଲା ଫସଲର ଖର୍ଚ୍ଚ ମାନଦଣ୍ଡକୁ ହେକ୍ଟର ପିଛା ୧.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ମଧ୍ୟ ରାଜ୍ୟ ତରଫରୁ ଅନୁରୋଧକରାଯାଇଛି । ଏହି ଉଚ୍ଚସ୍ତରୀୟ ସମ୍ମିଳନୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ନିଟ ୟୁଜି ପ୍ରଶ୍ନପତ୍ର ଲିକ୍ : ଏନଟିଏ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯/୫(ନ୍ୟୁ.ଏ): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସୁପ୍ରିମକୋର୍ଟ ଶୁକ୍ରବାର ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏକ)କୁ କଡ଼ା ସମାଲୋଚନା କରିଛନ୍ତି । ନିରୀକ୍ଷଣ ବ୍ୟବସ୍ଥା ଓ ଉଚ୍ଚସ୍ତରୀୟ କମିଟି ଥିବା ସତ୍ତ୍ୱେ ଏତେ ବଡ଼ ସୁରକ୍ଷା ତ୍ରୁଟି କେମିତି ଘଟିଲା ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି । ୟୁପିଏସସି ପରୀକ୍ଷା ସହ ତୁଳନା

କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଦେଶର ସର୍ବୋଚ୍ଚ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଏପରି ଘଟଣା କେବେ ଘଟିନାହିଁ । ତେଣୁ ସେହି ବ୍ୟବସ୍ଥାରୁ ଶିକ୍ଷା ନେବାର ଆବଶ୍ୟକତା ଏନଟିଏକୁ ରହିଛି । ନିଟ ୟୁଜି ପ୍ରଶ୍ନପତ୍ର ଲିକ ମାମଲାରେ ସଲିସିଟର ଜେନେରାଲ ତୁଷାର ମେହତା ଆଜି ଏନଟିଏ ଓ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଉଚ୍ଚ ସ୍ତରୀୟ କମିଟି ପକ୍ଷରୁ ପକ୍ଷ ରଖିବା ବେଳେ ସୁପ୍ରିମକୋର୍ଟ ଏପରି ମତ ରଖିଛନ୍ତି । ଏନଟିଏ ଓ ଡକ୍ଟର ରାଧାକୃଷ୍ଣ ଦାଖଲ କରିଥିବା ସତ୍ୟପାଠକୁ କୋର୍ଟ ବିଚାରକୁ ନେଇଛନ୍ତି ଓ ସତ୍ୟପାଠ ଦାଖଲ ପାଇଁ କେନ୍ଦ୍ରକୁ ଅତିରିକ୍ତ ସମୟ ଦେଇଛନ୍ତି । ଏହି ସମୟରେ ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଡ. କେ ରାଧାକୃଷ୍ଣନଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ ଲାଗୁ ହେବା ପରେ କେତେ ଦୂର ଏହାକୁ ପାଳନ କରାଯାଉଛି ଓ କମିଟି କେଉଁ ଦିଗକୁ ଠିକ ଭାବେ ଆକଳନ କରି ପାରି ନଥିଲା, ଯେଉଁଥି ପାଇଁ ପ୍ରଶ୍ନପତ୍ର ଲିକ୍ ଘଟିଲା ବୋଲି ବୋଲି ଜଷ୍ଟିସ ପିଏସ୍ ନରସିମା ପ୍ରଶ୍ନ କରିଛନ୍ତି । ଡକ୍ଟର ରାଧାକୃଷ୍ଣ ପ୍ରଥମେ ଉଚ୍ଚ ସ୍ତରୀୟ କମିଟର ଅଧ୍ୟକ୍ଷତା କରୁଥିଲେ । ଏହାପରେ ତାଙ୍କୁ ମନିଟରିଂ କମିଟିରେ ନିଯୁକ୍ତି ମିଳିଥିଲା । ବାସ୍ତବରେ ସେ କେତେ ପରିମାଣରେ ନୀରିକ୍ଷଣ କରିଥିଲେ ବୋଲି ଜଷ୍ଟିସ ନରସିମା ପଚାରିଛନ୍ତି । ଡ. ରାଧାକୃଷ୍ଣନ କହିଥିଲେ ଯେ ପରୀକ୍ଷାର ସୁରକ୍ଷା ଓ ପ୍ରଶାସନକୁ ମଜବୁତ କରିବା ପାଇଁ କମିଟି ମୋଟ ୧୦୧ଟି ସୁପାରିସ କରିଥିଲା । ସେଥିରୁ ୬୦ଟି ସ୍ୱଳ୍ପକାଳୀନ ସୁପାରିସ ୨୦୨୫-୨୬ ପରୀକ୍ଷା ଚକ୍ର ପାଇଁ ଥିଲା । ଅଧିକାଂଶ ସୁପାରିସ ଲାଗୁ ହୋଇସାରିଛି ଓ ଅନ୍ୟଗୁଡ଼ିକ କାର୍ଯ୍ୟକାରୀ ହେଉଛି । ପ୍ରଶ୍ନପତ୍ର ଲିକ୍ କିପରି ଘଟିଲା ବୋଲି ପଚାରିବାରୁ ଡ. ରାଧାକୃଷ୍ଣନ କହିଥିଲେ ଯେ ସମସ୍ୟା ପ୍ରଶ୍ନପତ୍ର ପ୍ରସ୍ତୁତି ପ୍ରକ୍ରିୟାରେ ଥିଲା । ଏବେ ସେହି ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ କରାଯାଉଛି । ସୁରକ୍ଷିତ ପରୀକ୍ଷା ପରିଚାଳନା ଢାଂଚା ଆରମ୍ଭ ହୋଇଛି ଓ ଏଥିରେ ଅଭୂତପୂର୍ବ ସୁଧାର ଆସିଛି ବୋଲି ସେ କୋର୍ଟଙ୍କୁ ଜଣାଇଛନ୍ତି । ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ସୁଧାର ହେଲେ ଚାଲିବ ନାହିଁ । ଦାୟିତ୍ୱ ନିର୍ଦ୍ଧାରଣ ହେବା ଆବଶ୍ୟକ । ପ୍ରକୃତ ସମସ୍ୟା ସେତେବେଳେ ପର୍ଯ୍ୟନ୍ତ ବନ୍ଦ ହେବ ନାହିଁ, ଯେପର୍ଯ୍ୟନ୍ତ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ହେବ ନାହିଁ । ସଲିସିଟର ଜେନେରାଲ୍ ତୁଷାର ମେହେତା କୋର୍ଟଙ୍କୁ ଜଣାଇଥିଲେ ଯେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଜାରି ରହିଛି । ଜୁନ୍ ୨୧ରେ ହେବାକୁ ଥିବା ପୁନଃପରୀକ୍ଷା ପୂର୍ବରୁ ନୂତନ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ । ଏହି ପ୍ରସଙ୍ଗକୁ ସର୍ବୋଚ୍ଚ ସରକାରୀ ସ୍ତରରେ ନଜର ରଖାଯାଉଛି । ପ୍ରଧାନମନ୍ତ୍ରୀ ନିଜେ ଏହାର ତଦାରଖ କରୁଛନ୍ତି ।

ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କଲେ ହରିଶ ବିସି

ଛତ୍ରପୁର, ୨୯/୫ (ଆ.ପ୍ର) : ଗଞ୍ଜାମ ଏସପି ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ହରିଶ ବିସି । ସେ ପୂର୍ବରୁ କନ୍ଧମାଳ ଏସପି ଭାବେ ଦାୟିତ୍ୱ ତୁଲାଇ ଆସିଥିଲେ । ୨୦୨୦ ବ୍ୟାଚର ଏହି ଆଇପିଏସ ଅଧିକାରୀ ପ୍ରଥମେ ରାୟଗଡାରେ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରାଧ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ମାଫିଆମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ୨୪ ଘଂଟା ଲୋକଙ୍କୁ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବେ ବୋଲି ଏସପି ଶ୍ରୀ ବିସି କହିଛନ୍ତି । ଗଞ୍ଜାମ ପୁଲିସ ଜିଲ୍ଲା ଏକ ବଡ଼ ଜିଲ୍ଲା ହୋଇଥିବାରୁ ସମସ୍ତ ଥାନାଧିକାରୀ, ଏସଡିପିଓ, ଅତିରିକ୍ତ ଏସପି ଏବଂ ଡିଏସପିମାନଙ୍କୁ ନେଇ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଦିଗରେ ଆଲୋଚନା କରି ଜିଲ୍ଲା କିପରି ଭାବେ ଅପରାଧମୁକ୍ତ ହୋଇପାରିବ ସେନେଇ କାର୍ଯ୍ୟ କରିବେ ବୋଲି ଏସପି ଶ୍ରୀ ବିସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କନ୍ଧମାଳ ଜିଲ୍ଲା ଅପେକ୍ଷା ଗଞ୍ଜାମ ପୁଲିସ ଜିଲ୍ଲାରେ ଅଧିକ ଅପରାଧ ବୃଦ୍ଧି ପାଉଥିବା ବେଳେ ଏହି ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଏକ ଚ୍ୟାଲେଞ୍ଜ ରହିଥିଲେ ମଧ୍ୟ ତାକୁ ମୁକାବିଲା କରିବା ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ମଧ୍ୟ କହିଛନ୍ତି । ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ କଡ଼ାକଡ଼ି ପେଟ୍ରୋଲିଂ ଜାରି ରହିବ ।

ମ୍ୟାଟ୍ରିକ୍ ଟପ୍ପର ଏବଂ ଅଭିଭାବକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୯/୫ (ଆ.ପ୍ର) : ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପରମାନଙ୍କୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ୍ୟ କହିଛନ୍ତି । ଶୁକ୍ରବାର

ଲୋକଭବନର ନ୍ୟୁ ଅଭିଷେକ ହଲରେ ମାଧ୍ୟମିକ ଶିକ୍ଷା ବୋର୍ଡ (BSE), ସିବିଏସଇ (CBSE) ଏବଂ ଆଇସିଏସଇ (ICSE) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶ୍ରେଣୀଗୃହ ବାହାରେଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ । ଜୀବନ ଆପଣଙ୍କୁ କେବଳ ଆପଣ ରଖିଥିବା ମାର୍କ ଦ୍ୱାରା ମାପିବ ନାହିଁ, ବରଂ ଆପଣ ରଖିଥିବା ମୂଲ୍ୟବୋଧ, ଆପଣ ଦେଖାଉଥିବା କରୁଣା ଏବଂ ଅନ୍ୟର ଜୀବନରେ ରଖିଥିବା ସକାରାତ୍ମକ ପାର୍ଥକ୍ୟ ଦ୍ୱାରା ମାପିବ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ଶିକ୍ଷାଗତ ସଫଳତା ଏକ ବୃହତ ଯାତ୍ରାର ଆରମ୍ଭ ମାତ୍ର ବୋଲି କହିବା ସହ ଛାତ୍ରଛାତ୍ରୀମାନଙ୍କୁ ସମାଜ ଏବଂ ଦେଶର କଲ୍ୟାଣ ପାଇଁ ଦୃଢ଼ ଏବଂ ପ୍ରତିବଦ୍ଧ ରହିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷା ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ଜଣେ ବ୍ୟକ୍ତିକୁ ଦାୟିତ୍ୱବାନ ନାଗରିକ ଏବଂ ଭଲ ମଣିଷରେ ପରିଣତ କରେ । ରାଜ୍ୟପାଳ କହିଥିଲେ ଯେ ଦେଶକୁ କେବଳ ପ୍ରତିଭାଶାଳୀ ବୃତ୍ତିଧାରୀ ନୁହେଁ ବରଂ ସଚ୍ଚୋଟ, ସହାନୁଭୂତିଶୀଳ ଏବଂ ସେବା ମନୋଭାବ ସହିତ ଦୟାଳୁ ନାଗରିକଙ୍କ ମଧ୍ୟ ଆବଶ୍ୟକତା ଅଛି । ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି (NEP)-୨୦୨୦ର କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏହି ନୀତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନୀତି, ନେତୃତ୍ୱ ଏବଂ ଜୀବନ କୌଶଳକୁ ପୋଷଣ କରିବା ସହିତ ସାମଗ୍ରିକ ଏବଂ ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି । ମାର୍ଗଦର୍ଶନ, ତ୍ୟାଗ ଏବଂ ପ୍ରୋତ୍ସାହନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ପିତାମାତା, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରାମର୍ଶଦାତାଙ୍କ ଭୂମିକାକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ସେମାନଙ୍କର ଅଭିଜ୍ଞତା ବାଂଟିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଚଳିତ ଆର୍ଥିକବର୍ଷରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୬.୯% ରହିବ: ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ, ୨୯/୫(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଜନିତ ବିପଦ ସତ୍ତ୍ୱେ ଚଳିତ ଆର୍ଥିକବର୍ଷରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୬.୯ ପ୍ରତିଶତ ରହିବ । ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରେ ଏହା କୁହାଯାଇଛି । ପୂର୍ବରୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ହୋଇଥିବା

ଆକଳନରେ ଭାରତର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ବୋଲି ଦର୍ଶାଯାଇଥିଲା । ତେଣୁ ଆଇଏମ୍‌ଏଫ୍ ତୁଳନାରେ ରିଜର୍ଭ ବ୍ୟାଙ୍କର ଆକଳନରେ ଅଭିବୃଦ୍ଧି ଭଲ ରହିବ ବୋଲି ଦର୍ଶାଯାଇଛି । ୨୦୨୫-୨୬ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୭.୬ ପ୍ରତିଶତ ରହିଛି । ଇନ୍ଧନ ଓ ଅନ୍ୟାନ୍ୟ ସାମଗ୍ରୀ ମୂଲ୍ୟ ଉଚ୍ଚସ୍ତରରେ ରହିବା, ହର୍ମୁଜ ପ୍ରଣାଳୀରେ ପରିବହନ ବ୍ୟାହତ ହେବା ସହିତ ବିଶ୍ୱର ଆର୍ଥିକ ବଜାରରେ ଅସ୍ଥିରତା ଚଳିତ ଆର୍ଥିକବର୍ଷରେ ଭାରତର ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଇବ । କିନ୍ତୁ ସେହି ସମୟରେ ଦେଶ ଭିତରେ ବ୍ୟୟ ଓ ନିବେଶ ବୃଦ୍ଧିର ସକାରାତ୍ମକ ପ୍ରଭାବ ଜିଡିପି ଉପରେ ପଡ଼ିବ । ନିକଟ ଭବିଷ୍ୟତରେ ମଧ୍ୟପ୍ରାଚ୍ୟ ସଂଘର୍ଷ ନିୟନ୍ତ୍ରଣକୁ ଆସିଲେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତରେ ରହିବ ବୋଲି ଆକଳନ କରାଯାଇଛି । ଆର୍ଥିକବର୍ଷର ପ୍ରଥମ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୬.୮ ପ୍ରତିଶତ, ଦ୍ୱିତୀୟ ତ୍ରୈମାସରେ ୬.୭ ପ୍ରତିଶତ, ତୃତୀୟ ତ୍ରୈମାସରେ ୭ ପ୍ରତିଶତ ଏବଂ ଚତୁର୍ଥ ତ୍ରେ ?ମାସରେ ୭.୨ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରାଯାଇଛି । କିନ୍ତୁ ସଂଘର୍ଷ ପୁନର୍ବାର ଭୀଷଣ ରୂପ ନେଇ ଅନ୍ୟ ଅଂଚଳକୁ ବ୍ୟାପିଲେ ଏବଂ ଜଳବାୟୁ ପ୍ରତିକୂଳ ହେଲେ ଭାରତର ଅଭିବୃଦ୍ଧି ନିମ୍ନମୁଖୀ ହେବା ବିପଦ ରହିଛି । ମଧ୍ୟପ୍ରାଚ୍ୟ ସଂଘର୍ଷ ବିଭିନ୍ନ ଦିଗରୁ ଭାରତକୁ ପ୍ରଭାବିତ କରିପାରେ । ସେଗୁଡ଼ିକ ମଧ୍ୟରେ ଶକ୍ତି ମୂଲ୍ୟ ଅଧିକ ହେବା, ଯୋଗାଣ ଶୃଙ୍ଖଳ ବ୍ୟାହତ ହେବା, ବିଶ୍ୱ ଚାହିଦା ଦୁର୍ବଳ ହେବା ସହିତ ବିଶ୍ୱରେ ଆର୍ଥିକ ସ୍ଥିତି କଠୋର ଭଳି ପରିସ୍ଥିତି ଏଥିରେ ଅନ୍ତର୍ଭୁକ୍ତ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଂଜୟ ମାଲହୋତ୍ରା କହିଛନ୍ତି ।

ଓଡ଼ିଶାରେ ହେବ ଅତ୍ୟାଧୁନିକ ସଂଗ୍ରାହଳୟ

ଭୁବନେଶ୍ୱର, ୨୯/୫ (ଆ.ପ୍ର) : ବିହାରର ପାଟନାସ୍ଥିତ ବିହାର ସଂଗ୍ରହାଳୟ ଶୈଳୀରେ ଓଡିଶାରେ ନିର୍ମାଣ ହେବ ଅତ୍ୟାଧୁନିକ ସଂଗ୍ରାହଳୟ । କଳିଙ୍ଗ ଯୁଦ୍ଧ, ଖାରବେଳଙ୍କ ଶାସନକାଳ, ଶିବ-ଶକ୍ତି ଓ ବୈଷ୍ଣବ ଧର୍ମର ପ୍ରଚାର କାଳ,ଜୈନ ଓ ବୌଦ୍ଧ କାଳ,ଓଡିଆ ସାହିତ୍ୟର କ୍ରମ ବିକାଶ, ସ୍ୱତନ୍ତ୍ର ପ୍ରଦେଶ ଗଠନ କାହାଣୀ, ଉତ୍କଳୀୟ କଳା ଓ କାରୁକାର୍ଯ୍ୟର ସ୍ୱର୍ଣ୍ଣିମ

ଅଧ୍ୟାୟ,ଜଗନ୍ନାଥ ସଂସ୍କୃତି, ନଅଙ୍କ ଦୁର୍ଭିକ୍ଷ, ସିପାହୀ ବିଦ୍ରୋହ, ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଅବଦାନ ଆଦି ପ୍ରାଚୀନ ଓଡିଶାରୁ ନେଇ ଆଧୁନିକ ଓଡିଶା ସମ୍ପର୍କରେ ସବିଶେଷ ତଥ୍ୟ ଓ କାହାଣୀ ଏଥିରେ ସ୍ଥାନ ପାଇବ । ଏହି ସଂଗ୍ରହାଳୟ ହେବ ଓଡିଶା ଇତିହାସ, ଭୂଗୋଳ,ସାମାଜିକ ଜୀବନ ରାଜନୈତିକ ଯାତ୍ରର ଚଳନ୍ତି ଦସ୍ତାବିଜ । ଏହା ଓଡିଶାର ପରିଚୟ ହେବ । ଏଣୁ ଏହି ସଂଗ୍ରାହଳୟର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଜୋର ଦେଇଛନ୍ତି ରାଜ୍ୟ ସରକାର । ଭୁବନେଶ୍ୱର ଓ ଆଖପାଖ ଅଂଚଳର ବିଭିନ୍ନ ସ୍ଥାନରେ ଜାଗା ଖୋଜା ଚାଲିଥିବା ବେଳେ ରାଜ୍ୟ ସଂଗ୍ରହାଳୟ ପାଖରେ ଭଞ୍ଜ କଳାମଣ୍ଡପ ପରିସର ପ୍ରଥମ ପସନ୍ଦ ଭାବେ ରହିଛି । ଚଳିତ ବର୍ଷ ପ୍ରାରମ୍ଭରୁ ଏହି ସଂଗ୍ରହଳୟ ନିର୍ମାଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ । ଏ ବାବଦରେ ବଜେଟରେ ୮୦୦ କୋଟି ଟଙ୍କାର ବ୍ୟୟବରାଦ ବି କରାଯାଇଛି । ଏଥିପାଇଁ ଯାଗା ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ ମୁଖ୍ୟମନ୍ତ୍ରୀ । ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ କଳିଙ୍ଗ ଷ୍ଟୁଡିଓ ପଛପାଖ,ଆଇଗିଣିଆ ଆନୁଗଡି ପାଖ ଓ ଖୋର୍ଦ୍ଧା ପିଏନ କଲେଜ ପାଖ ନିକଟରେ ତିନିଟି ଜାଗା ଉପଲବ୍ଧ ଥିବା ନେଇ ପ୍ରସ୍ତାବ ଦେଇଛନ୍ତି । ହେଲେ ରାଜ୍ୟ ସଂଗ୍ରହାଳୟକୁ ଲାଗି ଏହି ସଂଗ୍ରହାଳୟ ନିର୍ମାଣ ହେଲେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ବୋଲି କୁହାଯାଉଛି । ସଂସ୍କୃତି ବିଭାଗର ନିଜସ୍ୱ ଜାଗା ଭଞ୍ଜ କଳାମଣ୍ଡପ ପରିସରରେ ସଂଗ୍ରହାଳୟ ନିର୍ମାଣ ପାଇଁ ସ୍କେଚ ମାର୍କ କରାଯାଉଛି । ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ କହିଛନ୍ତି, ରାଜ୍ୟ ସଂଗ୍ରହାଳୟ ଓ ଏହାକୁ ଲାଗିଥିବା ଭଞ୍ଜ କଳାମଣ୍ଡପ ପରିସରରେ ବିଭାଗର ୨୫ ଏକର ଜାଗା ରହିଛି । ଏଠାରେ ସଂଗ୍ରହାଳୟ କରିବା ଦ୍ୱାରା ପର୍ଯ୍ୟଟକଙ୍କ ଦୁଇଟି ସଂଗ୍ରହାଳୟ ଭ୍ରମଣ ଏକାସାଥେ ହୋଇଯିବ । ରାଜ୍ୟ ସଂଗ୍ରହାଳୟର ମଧ୍ୟ ଟିକଟରେ ନୂତନ ସଂଗ୍ରହାଳୟର ମଧ୍ୟ ଟିକଟ ମୂଲ୍ୟ ମିଶିଯିବ । ଭଞ୍ଜ କଳାମଣ୍ଡପ ପଛପଟେ ଥିବା ସଂସ୍କୃତି ଭବନକୁ ଭାଙ୍ଗି ଏହି ଅତ୍ୟାଧୁନିକ ସଂଗ୍ରହାଳୟ ନିର୍ମାଣ ହେବ । ସଂଗ୍ରହାଳୟର ଗୋଟିଏ ପାଖକୁ ସଂସ୍କୃତି ଭବନ ଭାବେ କାର୍ଯ୍ୟକାରୀ କରାଯାଇପାରିବ । ତେବେ ଏହା ପ୍ରସ୍ତାବ ସ୍ତରରେ ରହିଛି । ମୁଖ୍ୟ ଶାସନ ସଚିବଙ୍କୁ ପ୍ରସ୍ତାବ ଯିବ । ଯଦି ସେ ଏଥିରେ ସମ୍ମତି ଦିଅନ୍ତି, ତେବେ ସଂସ୍କୃତି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ । ଏଭଳି ସଂଗ୍ରହାଳୟ ,ଗବେଷକ, ଶିକ୍ଷାର୍ଥୀଙ୍କ ସହ ବିଶେଷଜ୍ଞଙ୍କ ପାଇଁ ବେଶ ଉପକାରୀ ହେବ । ସଂଗ୍ରହାଳୟର କୌଣସି ତଥ୍ୟ ବା କାହାଣୀ ଉପରେ ଅଧିକ ଜାଣିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ପାଇଁ କ୍ୟୁଆର କୋଡ ବ୍ୟବସ୍ଥା ରହିବ । କୋଡ ସ୍କାନ କରିବା ପରେ ସମସ୍ତ ତଥ୍ୟ ଇଂରାଜୀ, ହିନ୍ଦୀ ଓ ଓଡିଆ ଭାଷାରେ ପାଇ ହେବ । ଯଦିଓ ଏହି ସଂଗ୍ରହାଳୟ ପାଇଁ ରୂପରେଖ ପ୍ରସ୍ତୁତ ହୋଇନାହିଁ, ଖୁବଶୀଘ୍ର ଏଥିପାଇଁ ବିଶିଷ୍ଟ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ସଂସ୍କୃତି ଗବେଷକ ଓ ପର୍ଯ୍ୟଟକଙ୍କ ସହ ଆଲୋଚନା କରାଯିବ ।

ଓଡ଼ିଶାକୁ ଅଶ୍ୱିନୀ ବୈଷ୍ଣବଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୨୯/୫ (ଆ.ପ୍ର) : ଭାରତ ସେମିକଣ୍ଡକ୍ଟର ମିସନରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଯାଉଛି । ରାଜ୍ୟରେ ଅତ୍ୟାଧୁନିକ ସବ୍‌ଷ୍ଟ୍ରେଟ୍ ମାନୁଫାକ୍ଚରିଂ ପ୍ରଯୁକ୍ତି ଆରମ୍ଭ କରିବା ପାଇଁ ଇଂଟେଲ୍ ଓ ୩ଡି ଗ୍ଲାସ୍ ସଲ୍ୟୁସନ୍ସ ସହିତ ରାଜ୍ୟ ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ସହଯୋଗିତା ଦେଶରେ ଏକ ସମ୍ପୂର୍ଣ୍ଣ ଓ ଆତ୍ମନିର୍ଭରଶୀଳ ଇଲେକ୍ଟ୍ରୋନିକ୍ସ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସେମିକଣ୍ଡକ୍ଟର ଉତ୍ପାଦନରେ ସବ୍‌ଷ୍ଟ୍ରେଟ୍ ମାନୁଫାକ୍ଚରିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ପ୍ରକାର ଇଲେକ୍ଟ୍ରୋନିକ୍ସ ଡିଭାଇସ୍‌ରେ ବ୍ୟବହାର ହେଉଥିବା ଚିପ୍‌ର କନେକ୍ସନ ଓ ସହାୟକ ଢାଂଚାକୁ ଏହା ସକ୍ଷମ କରିଥାଏ । ଏହି ବୁଝାମଣା ପାଇଁ ସେ ଓଡ଼ିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସହଯୋଗିତା ଚିପ୍ ପ୍ୟାକେଜିଂ ଓ ତତ୍ ସଂକ୍ରାନ୍ତୀୟ ପ୍ରଯୁକ୍ତିରେ ଦେଶର ଦକ୍ଷତାକୁ ବଢ଼ାଇବ । କୃତ୍ରିମ ବୁଦ୍ଧିମତା (ଏଆଇ), ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ଓ ପରବର୍ତ୍ତୀ ପିଢ଼ିର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ପାଇଁ ଏହା ସହାୟକ ହେବ । ଇଂଟେଲ ଓ ୩ଡି ଗ୍ଲାସ୍ ସଲ୍ୟୁସନ୍ସ ସହିତ ଓଡ଼ିଶାର ସହଯୋଗିତା ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ । ଏହି ରାଜିନାମା ସ୍ୱାକ୍ଷର ଅବସରରେ ମୁଖ୍ୟ ସଚିବ ଅନୁ ଗର୍ଗ, ଇଲେକ୍ଟ୍ରୋନିକ୍ସ ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଓ କମ୍ପାନିଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ସାମ୍ବାଦିକଙ୍କୁ ପ୍ରଧାନ ଶିକ୍ଷକଙ୍କ ଆକ୍ରମଣ ଘଟଣା ତଦନ୍ତରେ ବିଳମ୍ବତାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ

ଧାମନଗର, ୨୯/୦୫ (ଆ.ପ୍ର) : ଧାମନଗର ବ୍ଲକର କାର୍ଯ୍ୟରତ ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କୁ ଧାମନଗର ଏନଏସି ଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗତି ଶାମପୁରର ପ୍ରଧାନ ଶିକ୍ଷକ ସେକ ସାମସୁଦ୍ଦିନ ଦୁର୍ବ୍ୟବହାର ସହ ସଂଘବଧ ଆକ୍ରମଣ କରିଥିବା ଘଟଣାକୁ ନେଇ ଧାମନଗର ଥାନାରେ ଅଭିଯୋଗ କରାଯାଇଥିଲା । ଆଇଆଇସି ସୁଭ୍ରଜିତ ଦାଶ ଅଭିଯୋଗ କ୍ରମେ ସଙ୍ଗେ ସଙ୍ଗେ ଥାନା କେସ ନମ୍ବର୍ ୧୭୪/ ୨୨/୦୪/ ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛନ୍ତି । ମାମଲା ଏବେ କୋର୍ଟରେ ପହଂଚିଛି ଯାହାକୁ ନେଇ ଅଟୁଆରେ ପ୍ରଧାନ ଶିକ୍ଷକ । ପୁଲିସ ପକ୍ଷରୁ ଜିଲ୍ଲା ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ହୋଇଥିବା ଆଇଆଇସି ଠାରୁ ସୂଚନା ମିଳିଛି । ଚିଠି ପାଇବା ପରେ ବିଭାଗ ପକ୍ଷରୁ ଉକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ବିଇଓ ପ୍ରଫୁଲ୍ଲ ସାହୁଙ୍କ ଠାରୁ ସୂଚନା ମିଳିଛି । ଶିକ୍ଷକ ଉଣକ ପାଠ ନପଢାଇ କୁନି କୁନି ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳିବା, ବିଦ୍ୟାଳୟକୁ ନଯିବା, ମନମୁଖୀ କାର୍ଯ୍ୟ ସମ୍ପର୍କରେ ବିଗତ ଦିନରେ ବହୁବାର ଖବର ପରିବେଷଣ କରାଯାଇଥିଲା । ଯାହାକୁ ନେଇ ଶିକ୍ଷକ ହଜଣଙ୍କ ସଂଘବଧ ଭାବେ ଆକ୍ରମଣ କରିଥିବାରୁ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି । ଦେଖା ସେଖା ସହିତ ବଜାର ରାସ୍ତା ଘାଟରେ ଶିକ୍ଷକ କହୁଛନ୍ତି ପୁଲିସ ଏବଂ ବିଇଓ 'ମୋ' ହାତରେ କିଛି ହେବ ନାହିଁ । ଏଦିଗରେ ଭଦ୍ରକ ଏସପି, ଧାମନଗର ଏସଡିପିଓ ଏବଂ ଆଇଆଇସି ଉକ୍ତ ଘଟଣାକୁ ଗୁରୁତର ସହିତ ନେଇ ଉକ୍ତ ଘଟଣା ଘଟିବା ଦିନର ସିସିଟିଭି ଫୁଟେଜ୍ ଖାନକା ଅଫିସରୁ ଆଣି ତଦନ୍ତ କରି ଆଇନ ଅନୁଯାୟୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାମ୍ବାଦିକଙ୍କ ମହଲରୁ ଦାବି କରାଯାଇଛି ।

ଲ୍ୟାମ୍ପ ସମବାୟ କାର୍ଯ୍ୟାଳୟରେ ଆମ୍ବ କ୍ରୟ ଓ ବିପଣନ କେନ୍ଦ୍ର ଉଦ୍‌ଘାଟିତ

ଜି.ଉଦୟଗିରି, ୨୯/୦୫ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଆଦର୍ଶ ଲ୍ୟାମ୍ପ ସମବାୟ ସମିତି ଠାରେ ଆମ୍ବ କ୍ରୟ ଓ ବିପଣନ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି, ଟିକାବାଲି ଅଧକ୍ଷା ପ୍ରାଣୀତା ଦାସ ଯୋଗ ଦେଇ ଆମ୍ବ କ୍ରୟ ଓ ବିପଣନ କେନ୍ଦ୍ର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପନିବନ୍ଧକ ସମବାୟ ସମିତି ସମୂହ କନ୍ଧମାଳ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଫୁଲବାଣୀ ସ୍ମିତା ମହାନ୍ତି, ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର, ଏୟାରସିଏସ ଫୁଲବାଣୀ ସର୍କଲ ଲଳିତ ମାଝି, ଏୟାରସିଏସ ବାଲିଗୁଡ଼ା ସୁକାନ୍ତ କୁମାର ପାଢ଼ୀ ସର୍କଲ ଲଳିତ, ଓରମାସ ଡେପୁଟି ସିଇଓ ଗ୍ରୁଷିତା ବେହେରା, ଲ୍ୟାମ୍ପ ସମବାୟ ସମିତି ସଭାପତି ଜମେଶ ଚନ୍ଦ୍ର ପ୍ରଧାନ, ଏଏଚଓ ସରୋଜ କୁମାର ସାହୁ, ଆମ୍ବ କ୍ରୟ ଓ ବିପଣନ ନୋଡାଲ ଅଫିସର ସଞ୍ଜୟ ପଟ୍ଟନାୟକ, ଲ୍ୟାମ୍ପ ସମବାୟ ସମିତି ପରିଚାଳନା କମିଟି ସଦସ୍ୟ, ମାଳାବାଣିଜ୍ୟ ବଜାର କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ । ସମସ୍ତ ଅତିଥି ଆମ୍ବ ଚାଷ କରି କିପରି ଲାଭବାନ ହେବେ, କେଉଁ କେଉଁ ସରକାରୀ ସହାୟତା ପାଇପାରିବେ, ଆମ୍ବ ଅମଳ ପରେ କିପରି ବିକ୍ରି କରିବେ ସେ ନେଇ ଚାଷୀ ମାନଙ୍କୁ ବୁଝେଇବା ସହ ଆମ୍ବ ଚାଷ କରି ଉତ୍ତମ ଜୀବିକା ନିର୍ବାହ କରିବା ପାଇଁ ଉତ୍ସାହିତ କରିବା ସହ ଚାଷ ସମ୍ବନ୍ଧରେ ନିଜ ନିଜ ମତାମତ ଦେଇଥିଲେ । କାର୍ଯ୍ୟକ୍ରମକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ ପରିଚାଳନା କରିଥିବା ବେଳେ ହିସାବ ରକ୍ଷକ ପିତାମ୍ବର ସାହୁ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏସଏଆରସିଏସ ବାଲିଗୁଡ଼ା ନରେଶ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଦଶପଲ୍ଲା ଡ଼ାକ୍ତରଖାନା ପରିସରରେ ସଫେଇ କର୍ମଚାରୀଙ୍କ ଧାରଣା

ଦଶପଲ୍ଲା, ୨୯/୦୫ (ଆ.ପ୍ର) : ଦଶପଲ୍ଲା ଡ଼ାକ୍ତରଖାନା ପରିସରରେ ସଫେଇ କର୍ମଚାରୀମାନେ ଶୁକ୍ରବାର ଦିନ ଧାରଣା ଦେଇଛନ୍ତି । ସୁପରଭାଇଜର ସନ୍ତୋଷ କୁମାର ନାୟକଙ୍କୁ କାର୍ଯ୍ୟରୁ ଛଟେଇ କରିବା ସହ ତାଙ୍କୁ ପୁନଃ ନିଯୁକ୍ତି ଦାବି କରି ଧାରଣା ଦେଇଥିଲେ । ଏହି ଧାରଣା ଫଳରେ ଡାକ୍ତରଖାନା ପରିସର ସଫେଇ ହୋଇପାରି ନ ଥିବା ଜଣାଯାଇଛି, ଉକ୍ତ ଡାକ୍ତରଖାନାରେ କାର୍ଯ୍ୟରତ ସଫେଇ ସୁପରଭାଇଜରଙ୍କୁ କୌଣସି କାରଣକୁ ନେଇ ଛଟେଇ କରାଯାଇଥିବାରୁ ସଫେଇ କର୍ମଚାରୀ ମାନଙ୍କର ମନରେ ଭୟ ଜାଗରଣ ହୋଇଥିଲା କାରଣ ସେମାନଙ୍କ ପାଳି କେତେବେଳେ ପଡ଼ିଯିବକି ? ସେଥିପାଇଁ ଧାରଣ ଦେଇଥିଲେ ଯେ ସନ୍ତୋଷଙ୍କୁ ପୁନର୍ବାର ନିଯୁକ୍ତି ଦାବିକୁ ନେଇ ସଫେଇ କର୍ମଚାରୀ ମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଥିଲେ, ଏବଂ ପ୍ରତିକାର ପାଇଁ ୭ ଦିନ ସମୟ ଦେଇ ଥିଲେ । ଯଦି ପ୍ରତିକାର କରା ନ ଯାଏ ତେବେ ଡାକ୍ତରଖାନା ସମ୍ମୁଖରେ ଧାରଣା ଦିଆଯିବା ନିମନ୍ତେ ଅବଗତ କରାଯାଇଥିଲା, ଉଚ୍ଚ କର୍ତ୍ତୃପକ୍ଷ ଏହାର କୌଣସି ପ୍ରତିକାର ନ କରିବାରୁ ଶୁକ୍ରବାର ଠାରୁ ସଫେଇ କର୍ମଚାରୀ ମାନେ ବାଧ୍ୟ ହୋଇଧାରଣାରେ ବସିଥିଲେ, ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଏହି ଧାରଣା ଚାଲୁରହିଥିବା ଜଣାପଡିଛି । ତେବେ ଏହି ଆନ୍ଦୋଳନ ପଛରେ ଥିବା ପ୍ରକୃତ ସତ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୁପରଭାଇଜର ସନ୍ତୋଷ ନାୟକ ପୂର୍ବରୁ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଉ ନଥିବା ଏବଂ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଦେଖାଦେଇଥିଲା । ଯାହାକୁ ନେଇ ସାଧାରଣରେ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦାବିପତ୍ର ଦେବାକୁ ସନ୍ତୋଷଙ୍କ କୁଣ୍ଠାବୋଧ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ସୁପରଭାଇଜରଙ୍କ ପାଇଁ ଅନ୍ୟ କର୍ମଚାରୀମାନେ ନିଜର କାମଧନ୍ଦା ଛାଡ଼ି ଧାରଣାରେ ବସିଛନ୍ତି, ସେହି ସନ୍ତୋଷ ନାୟକ ନିଜେ ଧାରଣା ଦେବାର ପ୍ରକୃତ କାରଣ ସ୍ପଷ୍ଟ କରିବାକୁ ପଛଘୁଂଚା ଦେଉଛନ୍ତି ।

କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସୁବର୍ଣ୍ଣା ଶ୍ରୀହରିକୋଟା ମହାକାଶ କେନ୍ଦ୍ର ପରିଦର୍ଶନର ସୁଯୋଗ ପାଇଲେ



ପାରଳାଖେମୁଣ୍ଡି, ୨୯/୦୫ (ଆ.ପ୍ର) : ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ପାରଳାଖେମୁଣ୍ଡିର ଦଶମଶ୍ରେଣୀ ଛାତ୍ରୀ ସୁବର୍ଣ୍ଣା ସାହୁ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର ପରିଦର୍ଶନ କରିବାର ସୁଯୋଗ ପାଇଲେ । ସେ ଗତ ଏପ୍ରିଲ ୧୩ ତାରିଖ ଦିନ ଇସ୍ରୋର ଯୁବିକା ବିଭାଗ ତରଫରୁ ନିମନ୍ତ୍ରଣ ମେଲ୍ ଦ୍ୱାରା ପାଇଥିଲେ । ଓଡିଶାରୁ ୨ ଜଣଙ୍କ ମଧ୍ୟରୁ ଗଜପତି ଜିଲ୍ଲାରୁ ସୁବର୍ଣ୍ଣାଙ୍କୁ ନିମନ୍ତ୍ରଣ ହୋଇଥିଲା । ସେଠାରେ ୨ ସପ୍ତାହ କାଳ ରହି ମହାକାଶ ଜ୍ଞାନ ସମ୍ପର୍କରେ ଅନ୍ତର୍ନିହିତ ଜ୍ଞାନ, ଦକ୍ଷତା ଓ କୌଶଳ ଜାଣିବାରେ ସୁଯୋଗ ମିଳିଥିଲା । ସେ ସେଠାରେ ଇସ୍ରୋ, ଟେଲିମିଟ୍ରି, ଟ୍ରାକିଂ ଓ କମାଣ୍ଡ ନେଟ୍ୱାର୍କ, ଲଂଚପ୍ୟାଡ, ଟିଟିସି ଓ ଗ୍ରାଉଣ୍ଡ ଷ୍ଟେସନ ସମ୍ବନ୍ଧରେ ଜ୍ଞାନ ହାସଲ କରିବାର ସୁଯୋଗ ପାଇଥିଲେ । ଏହାଛଡ଼ା ଆଲୋଚନା ଚକ୍ର ମାଧ୍ୟମରେ ଚନ୍ଦ୍ରାୟଣ-୩, ଆଦିତ୍ୟ ଏଲ୍ ଓ ଗଗନାୟନ ସମ୍ପର୍କରେ ଜ୍ଞାନ ହାସଲ କରିପାରିଥିଲେ । ଏଥିରେ ମହାକାଶ ବୈଜ୍ଞାନିକ ଶୁଭାଂଶୁ ଶୁକ୍ଲାଙ୍କ ଠାରୁ ଦୀର୍ଘ ଅନୁଭୂତିର ଜ୍ଞାନ ହାସଲ କରିଥିଲେ । ଏସଡିଏସସି ଏସଏଚଏଆର୍‌ର ନିର୍ଦ୍ଦେଶକ ପଦ୍ମକୁମାର ଇ.ଏସ୍.ଙ୍କ ଠାରୁ କିଛି ଅନ୍ତର୍ନିହିତ ଜ୍ଞାନ ଯଥା ମହାକାଶ ଯାତ୍ରାର ବିଫଳତା ସଫଳତାର ପୁଞ୍ଜି ସୃଷ୍ଟି କରେ ଏଭଳିକି କିଛି ଜ୍ଞାନ, ଦକ୍ଷତା ଓ କୌଶଳ ସମ୍ପର୍କରେ ଧାରଣା ସୃଷ୍ଟି ହୋଇଥିଲା । ନିଜେ ଜଣେ ତାଇକାଣ୍ଡୋର ଦକ୍ଷତା ଲାଭ କରିଥିବାରୁ ତାହାକୁ ସେ ସନ୍ଧ୍ୟା ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରି ଇସ୍ରୋର ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ସେ କହନ୍ତି, 'ଜଣେ ମହାକାଶ ବୈଜ୍ଞାନିକ ହେବାର ସଂକଳ୍ପ, ମୋତେ ଇସ୍ରୋର ସମ୍ବନ୍ଧୀୟ ଜ୍ଞାନ ଦେବାରେ ସୁଯୋଗ ଓ ଆଶୀର୍ବାଦ ମିଳିଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପଣ୍ଡାସାରଙ୍କ ପାଖରେ ଋଣୀ' ।

ପୁରୁଷୋତମ ମାସ ଉପଲକ୍ଷେ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ

ବାଲିଗୁଡା, ୨୯/୦୫ (ଆ.ପ୍ର) : ପୁରୁଷୋତମ ମାସ ଉପଲକ୍ଷେ କନ୍ଧମାଳ ଜିଲ୍ଲାର ବାଲିଗୁଡା ସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ସୌଜନ୍ୟରୁ ମନ୍ଦିର ପରିସରରେ ଏକ ମାସ ବ୍ୟାପୀ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି । ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ପାରାୟଣ ଆସନ୍ତା ଜୁନ ମାସ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସକାଳୁ ଭାଗବତ ପାରାୟଣ ଏବଂ ସନ୍ଧ୍ୟା ୭ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବାବାଜୀ ଦଧିବାମନ ଦାସ ମହାରାଜ ପ୍ରବଚକ ଭାବେ ଏବଂ ବ୍ୟାସ ଭାବେ ଭ୍ରମରବର ନାୟକ ଉପସ୍ଥିତ ରହି ପୁରୁଷୋତମ ମାସ ଓ ଭାଗବତ ମହିମା ଉପରେ ପ୍ରବଚନ ଦିଆଯାଉଛି । ସକାଳ ଓ ସନ୍ଧ୍ୟା କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଏହାକୁ ନେଇ ସମଗ୍ର ଅଂଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଏଥିରେ ଦୟାନିଧି ଭାଇ, ବିଜୟ କୁମାର ଗୌଡ, ବିଜୟ କୁମାର ଅମାୟତ, ବିଶ୍ୱଜିତ ସାହୁ, ଗିତାଞ୍ଜଳି ମହାକୁଡ, ମେଘଭାଇ, ଧରଣୀବିର ଗୌଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯାଗ କରୁଛନ୍ତି । ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ କର୍ମକର୍ତା କାର୍ଯ୍ୟକ୍ରମକୁ ସଂଚାଳନ କରୁଛନ୍ତି ।

ହଜି ଯାଇଥିବା ସୁନା ଚେନ୍‌କୁ ପୁରୀ ପୋଲିସର ଉଦ୍ଧାର

ପୁରୀ, ୨୯/୦୫ (ଆ.ପ୍ର) : ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ହରାଇଥିବା ପ୍ରାୟ ୮୦ ଗ୍ରାମ ଓଜନର ସୁନା ଚେନ୍‌କୁ ପୁରୀ ପୋଲିସ ସଫଳତାର ସହ ଉଦ୍ଧାର କରି ପ୍ରକୃତ ମାଲିକାଙ୍କୁ ହସ୍ତାନ୍ତର କରିଛି । ଶ୍ରୀମତୀ ଭାଗ୍ୟମ୍ମା (ବୟସ ୫୭ ବର୍ଷ), ସ୍ୱାମୀ ମୁନିୟାପ୍ପା, ଗ୍ରାମ- କୁମ୍ବଳାହଲ୍ଲି, ଥାନା ହୋସକୋଟେ, ରାଜ୍ୟ କର୍ଣ୍ଣାଟକ, ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ପୁରୀ ଆସିଥିବା ବେଳେ ମନ୍ଦିର ଭିତରେ ଜାଲି ଗେଟ ନିକଟରେ ତାଙ୍କର ସୁନା ଚେନ୍‌ଟି ହରାଇଥିଲେ । ଏହା ସମ୍ପର୍କରେ ସୂଚନା ପାଇବା ପରେ ପୁରୀ ପୋଲିସର କର୍ତବ୍ୟରତ ପୋଲିସ ଟିମ୍ ତତ୍‌କ୍ଷଣାତ୍ ସନ୍ଧାନ କାର୍ଯ୍ୟ ଆରମ୍ଭ କରିଥିଲେ । ସଚେତନତା, ତତ୍ପରତା ଓ କାର୍ଯ୍ୟକୁଶଳତାର ସହ ପୋଲିସ ଟିମ୍ ଉକ୍ତ ସୁନା ଚେନ୍‌କୁ ଉଦ୍ଧାର କରି ପ୍ରକୃତ ମାଲିକା ଶ୍ରୀମତୀ ଭାଗ୍ୟମାଙ୍କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରିଥିଲେ । ପୁରୀ ପୋଲିସ ସଦା ଭକ୍ତମାନଙ୍କ ସୁରକ୍ଷା, ସହଯୋଗ ଓ ସେବା ପ୍ରତି ପ୍ରତିବଦ୍ଧ ବୋଲି ସୂଚନା ପ୍ରଦାନ କରାଯାଇଛି ।

୧୧ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ଖଣ୍ଡପଡା, ୨୯/୦୫ (ଆ.ପ୍ର) : ଖଣ୍ଡପଡ଼ା ସହରର ଉନ୍ନତି କରଣ ପାଇଁ ଆଜି ଅପରାହ୍ନରେ ୧୧ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି । ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଆଜି ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡ ବୁଲି ୧୧ ଗୋଟି ପରକଳ୍ପର ଭିତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ, ବିଡ଼ିଓ ଅଙ୍କୁର ଅଭିଳାଷ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ କାଉନସିଲର, ସମାଜସେବୀ ଚତରଞ୍ଜନ ମିଶ୍ର, ସାମିଲ ହୋଇଥିଲେ । ଏଥି ସହିତ ଏହି ସମସ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସାମ୍ବାଦିକ ଓ ଜନସାଧାରଣ ସାମିଲ ହୋଇଥିଲେ । ବିଧାୟକଙ୍କ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମକୁ ଖଣ୍ଡପଡ଼ା ସହରବାସୀ ପ୍ରଶଂସା କରିଛନ୍ତି ।

ଭୋଟ ଦେବା ଅଧିକାର ନାହିଁ, ସରକାରୀ ସହାୟତା ବି ନାହିଁ

କୁଟିଣ୍ଡା, ୨୯/୦୫ (ଆ.ପ୍ର) : ରାଜ୍ୟରେ ଚାଲିଛି ଡବଲ ଇଂଜିନ ସରକାର । ସରକାରଙ୍କ ପକ୍ଷରୁ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଘର ଯୋଗାଇବା ସହିତ କାହାରିକୁ ଅନାହାରରେ ରହିବାକୁ ନଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । କୁଟିଣ୍ଡା ବ୍ଲକରେ ଦେଖାଦେଇଛି ବ୍ଲକ ପ୍ରଶାସନଙ୍କ ଅପାରଗତା, ବ୍ଲକର ସମସ୍ତ ଏଜେନ୍ସି ଫେଲ । ଅତି ଦୟନୀୟ ଅବସ୍ଥାରେ ମା ଓ ପୁଅଙ୍କ ବିତୁଛି ଜୀବନ । ଘଟଣାରୁ ପ୍ରକାଶ ବାଙ୍କେ ଗ୍ରାମପଂଚାୟତ ଗୋପାଳପାଲି ଗ୍ରାମରେ ଏକ ବରଗଛ ମୂଳରେ ରୁହନ୍ତି ଶକୁନ୍ତଳା ପ୍ରଧାନ(୬୫) ଓ ପୁଅ ଫଗନୁ ପ୍ରଧାନ (୪୨) । ଅତି ଦୟନୀୟ ଅବସ୍ଥାରେ ଦିନ ବିତୁଛି ମା ପୁଅଙ୍କର । କେଉଁ ଦିନ ବୁଲି ଜଳେ ତ କେଉଁ ଦିନରେ ପେଟରେ ଓଦା କନା ଦେଇ ରାତ୍ରୀ ବିତିଥାଏ । ସାଇ ପଡିଶାରୁ କିଛି ଦେଲେ ପେଟର ଭୋକ କମିଥାଏ ।ରହିବା ପାଇଁ ଘରଟିଏ ନାହିଁ । ଏକ ବରଗଛ ତଳେ ଛିଣ୍ଡା ବସ୍ତା କିଛି ତାଳପତ୍ର କୁଡ଼ିଆରେ ରାତ୍ରୀ ବିତାଉଥାନ୍ତି । ୧୦ ବର୍ଷ ହେଲା ଏପରି ଅବସ୍ଥାରେ ଦିନ ବିତୁଥିଲେ ମଧ୍ୟ ସରକାରଙ୍କ କୌଣସି ଯୋଜନା ତାଙ୍କ ପାଖରେ ପହଂଚି ପାରୁନାହିଁ । ବନମାଳୀ ପ୍ରଧାନ, ଶକୁନ୍ତଳା ପ୍ରଧାନ ଓ ଫଗନୁ ପ୍ରଧାନ ପରିବାର ହସ ଖୁସିରେ କାଳାତିପାତ କରୁଥିଲେ । ୨୫ ବର୍ଷ ତଳେ ଏକ ବଣୁଆ ହାତୀ ଆକ୍ରମଣରେ ବନମାଳୀ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା । ଏମାନଙ୍କ କୌଣସି ଘର ଦ୍ୱାର ଜମିବାଡ଼ି ନଥିଲା । ଶବର ଜାତିର ବନମାଳୀ ପ୍ରଧାନ କୋଲାବିରା ବ୍ଲକ ପଖାରାଖାଲେ ଅଂଚଳରେ ମୂଲ ଲାଗି ପରିବାର ଭରଣପୋଷଣ କରୁଥିଲେ । ଦିନେ ମାଲିବିହି ଜଙ୍ଗଲରେ ହାତୀ ଆକ୍ରମଣରେ ବନମାଳୀ ମୃତ୍ୟୁବରଣ କରିଥିଲେ ।

ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପର ୮ମ ବାର୍ଷିକ ଉତ୍ସବ

ନିମାପଡ଼ା, ୨୯/୦୫ (ଆ.ପ୍ର) : ନିମାପଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପର ୮ମ ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମଣ୍ଡପ ପଡ଼ିଆ ଠାରେ ମହାସମାରୋହରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ଅତିଥିଭାବେ ନିମାପଡ଼ା ପ୍ରେସ କ୍ଲବର ସଭାପତି ଅକ୍ଷୟ କୁମାର ବେହେରା, ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସାହୁ ଯୋଗଦେଇ ଏହି ଅନୁଷ୍ଠାନର ଉତରୋତର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପର ନୃତ୍ୟ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର କୁନିକୁନି ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ପାରମ୍ପରିକ, ଆଧୁନିକ, ଦେବଦାସୀ, ଲୋକନୃତ୍ୟ, ସମ୍ବଲପୁରୀ, ପଞ୍ଜାବୀ, ଭାରତନାଟ୍ୟମ୍ ଆଦି ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । କୃତୀ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ଯୁଗୋପଯୋଗୀ ସଙ୍ଗୀତଙ୍କ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା । ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଜତା ଉତ୍ସବର ସଂଯୋଜନା କରିଥିଲେ । ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପ ଅନୁଷ୍ଠାନର ଶିକ୍ଷକ ଅଭୟ ସେଠୀ, ବିଶ୍ୱଜିତ ମହାନ୍ତି, ଜଗନ୍ନାଥ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ଭୁବନେଶ୍ୱରର ଡ୍ୟାନ୍ସ ମାଷ୍ଟର କବିର ପ୍ରସାଦ, ଯାତ୍ରା କଳାକାର ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ସମସ୍ତ ସଦସ୍ୟ, କଳାକାର, ସଙ୍ଗୀତ ଗୁରୁ, ନୃତ୍ୟ ଶିଳ୍ପୀଙ୍କ ସମେତ ଅନେକ ଦର୍ଶକ ଓ ଅଭିଭାବକ ଉପସ୍ଥିତଥିଲେ ।

ଦୈନିକ 'ସମାଜ'ରେ ପ୍ରକାଶିତ ଖବର ଘୋର ନିନ୍ଦନୀୟ ଓ ଅଗ୍ରହଣୀୟ : ସିପିଆଇ ଲିବେରେସନ

ଖୋର୍ଦ୍ଧା ଭୁବନେଶ୍ୱର, ୨୯/୦୫ (ଆ.ପ୍ର) : ଦୈନିକ ସମାଜ ପତ୍ରିକାର ପ୍ରଥମ ପୃଷ୍ଠାରେ ଟିଏମସି ନେତାଙ୍କ ସମ୍ବାଦ ସହ ସିପିଆଇ ଲିବେରେସନ ର ଜାତୀୟ ସାଧାରଣ ସମ୍ପାଦକ କମ୍ରେଡ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଫଟୋ ଭୁଲବଶତଃ କିମ୍ବା ଅବହେଳାବଶତଃ ଛପା ଯାଇଥିବା ଘଟଣାକୁ ଆମେ କଡା ଭାଷାରେ ନିନ୍ଦା କରୁଛୁ । ଏହା କେବଳ କମ୍ରେଡ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ନୁହେଁ, ସିପିଆଇ ଲିବେରେସନ ଲାବେରେସନ, ସମଗ୍ର ବାମପନ୍ଥୀ ଦଳ ସମୂହ ଓ ଗଣତାନ୍ତ୍ରିକ ଶକ୍ତିମାନଙ୍କ ସମ୍ମାନରେ ଆଘାତ ଲାଗିଛି । ଆଜିର ଏକ ଅସାଧାରଣ କଠିନ ପରିସ୍ଥିତିରେ ବାମପନ୍ଥୀ ଶକ୍ତିମାନେ ଦେଶରେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସ୍ୱେଚ୍ଛାଚାରୀ, କର୍ପୋରେଟ୍-ହିନ୍ଦୁତ୍ୱବାଦୀ ଶାସନ ବିରୋଧରେ ସଂଗ୍ରାମର ଅଗ୍ରଗାମୀ ଶକ୍ତି ଭାବେ ଲଢୁଛନ୍ତି । ସେହି ପରିପ୍ରେକ୍ଷୀରେ ସମାଜ ଭଳି ଏକ ସମ୍ମାନିତ ଖବରକାଗଜ ରେ ଏଭଳି ଦାୟିତ୍ୱହୀନ ପ୍ରକାଶନ ଗୁରୁତର ପ୍ରଶ୍ନ ଉଠାଏ । ସିପିଆଇ ଲିବେରେସନ କେବେ ମଧ ତୃଣମୂଳ କଂଗ୍ରେସର ରାଜନୀତି ସହ ଜଡିତ ନଥିଲା । ବରଂ ସମସ୍ତ ସର୍ବ ଭାରତୀୟ ବାମପନ୍ଥୀ ଏକତାର ଅଂଶ ଭାବେ ଏହା ନିରନ୍ତର ଭାବେ ଲଢେଇରେ ସାମିଲ ରହିଛି । ଆମେ ଦୈନିକ ସମାଜ ପତ୍ରିକାକୁ ତୁରନ୍ତ ପରବର୍ତୀ ସଂସ୍କରଣରେ ସଠିକ୍ ସଂଶୋଧନ ଓ ଦୁଃଖ ପ୍ରକାଶ ପ୍ରକାଶ କରିବାକୁ ଦାବି କରୁଛୁ । ସମ୍ବାଦ ଓ ଫଟୋ ପ୍ରକାଶ ପୂର୍ବରୁ ଯଥାର୍ଥ ଯାଂଚ କରିବା ଗଣ ମାଧ୍ୟମର ନୈତିକ ଦାୟିତ୍ୱ । ଏହି ପ୍ରକାର ମିଥ୍ୟା ଖବର ସମାଜରେ ବାହାରି ଥିବାରୁ ସିପିଆଇ ଲିବେରେସନ ଏହାର କଡା ନିନ୍ଦା କରୁଛି ବୋଲି ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଦାବି କରିଥିବା ବେଳେ ସିପିଆଇର ରାଜ୍ୟ ସମ୍ପାଦକ ଡ଼କ୍ଟର ପ୍ରଶାନ୍ତ ମିଶ୍ର, ସିପିଆଇର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଏନସିପିର ବିକ୍ରମ ସ୍ୱାଇଁ, all, india forword blockର ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସମତା କ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ, ଆରଜେଡ଼ିର ସମ୍ପାଦକ ହେମନ୍ତ କୁମାର, ସିପିଆଇ ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡା, ଅଶୋକ ପ୍ରଧାନ ଓ ଗଣତାନ୍ତ୍ରିକ ଦଳ ଏହାର ଦୃଢ ନିନ୍ଦା କରିଛନ୍ତି ।

ଅସୁରକ୍ଷିତ କଳିଙ୍ଗା ଛକ ରାତି ହେଲେ ଜମୁଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା

ଜି.ଉଦୟଗିରି, ୨୯/୦୫ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ କଳିଙ୍ଗା ଛକ ଏବେ ଅସାମାଜିକ ବ୍ୟକ୍ତିଙ୍କ ଚରାଭୂଇଁ ପାଲଟିଛି । ରାଂଚି-ବିଜୟାୱାଡ଼ାକୁ ସଂଯୋଗ କରୁଥିବା ୧୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ପ୍ରମୁଖ ଛକରେ ରାତି ହେଲେ ସ୍ଥାନୀୟ ଅଂଚଳର ମଦୁଆମାନଙ୍କ ଚଳପ୍ରଚଳ ଅଧିକ ହେଉଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦୁଆମାନଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳୁଛି । ଯାହା ଫଳରେ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଏବେ ଆତଙ୍କିତ ଅବସ୍ଥାରେ ରାତି ସମୟ କାଟୁଛନ୍ତି । ରାତି ପ୍ରାୟ ୨ଟା ପରେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି, ଯାହାକି ଅଂଚଳରେ ଅସୁରକ୍ଷିତ ପରିବେଶ ସୃଷ୍ଟି ହେଉଥିବା ଅନୁଭବ କରୁଛନ୍ତି । ଗତ କିଛି ଦିନ ତଳେ ରାତି ସମୟରେ କିଛି ଦୁର୍ବୃତ ସରୋଜ ସାହୁଙ୍କ ଘର ସମ୍ମୁଖରେ ଥିବା ଏକ କାର୍‌ର ପଛ କବାଟକୁ ଶାବଳ ମାରି କଣା କରିବାକୁ ଚେଷ୍ଟା କରିଥିଲେ । ସେହିପରି ଗୁରୁବାର ରାତିରେ ମଧ୍ୟ ଏହି ଅସାମାଜିକ ବ୍ୟକ୍ତିମାନେ କଳିଙ୍ଗା ଛକ ଉପରେ ଥିବା ବୁଟା ସାହୁ ଏବଂ ମିଟୁ ସାହୁଙ୍କ ଦୋକାନର ଚୁଲି ଭାଙ୍ଗି ଦେଇଥିବା ବେଳେ, ସୁଶାନ୍ତ ନାୟକଙ୍କ ଦୋକାନର ତାଲା ଭାଙ୍ଗିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି । ଛକ ଉପରେ ପୋଲିସ ରହିବା ବ୍ୟବସ୍ଥା କରିବା ପାଇଁ ନିବେଦନ କରାଯାଇଛି । ଯଦି ତୁରନ୍ତ ଏଠାରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାନଯାଏ ଏବଂ ରାତ୍ରିକାଳୀନ ପୋଲିସ ପେଟ୍ରୋଲିଂ କଡ଼ାକଡ଼ି କରାନଯାଏ, ତେବେ ଆଗକୁ କୌଣସି ବଡ଼ ଧରଣର ଅପରାଧ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଏପରି ବାରମ୍ବାର ଘଟୁଥିବା ଉପଦ୍ରବ ଯୋଗୁଁ ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଓ ସ୍ଥାନୀୟ ପୋଲିସ ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପେଟ୍ରୋଲିଂ କଡ଼ାକଡ଼ି କରିବା ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଅଂଚଳବାସି ଦୃଢ଼ ଦାବି କରିଛନ୍ତି । ପୋଲିସ ପ୍ରଶାସନ ତରଫରୁ ପେଟ୍ରୋଲିଂ ହେଉଛି ଏବଂ ଆହୁରି ମଧ୍ୟ କଡ଼ା କଡ଼ି କରାଯିବ ଓ ଦୁର୍ବୃତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ପ୍ରତିକ୍ରିୟା ଦେଇଛନ୍ତି ।

ବିଦ୍ୟୁତ ସେବାରେ ଅନିୟମିତତାକୁ ନେଇ ପ୍ରତିବାଦ ବୈଠକ

ଦଶପଲ୍ଲା, ୨୯/୦୫ (ଆ.ପ୍ର) : ଟାଟା ପାୱାର (ଟିପିସିଓଡିଏଲ) କମ୍ପାନୀର ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଏବଂ ନିମ୍ନମାନର ସେବା ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା ସଂଘ, ଦଶପଲ୍ଲା ପକ୍ଷରୁ ଗୁରୁବାର ସନ୍ଧ୍ୟା ସମୟରେ ସ୍ଥାନୀୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହେଇଯାଇଛି । ପ୍ରସ୍ତାବିତ ବୈଠକରେ ଚାରୋଟି ପ୍ରମୁଖ ଦାବୀ ନେଇ ଦାବିପତ୍ର ପ୍ରଦାନ ସହ ଆବଶ୍ୟକ ପଡିଲେ ଦଶପଲ୍ଲା ବନ୍ଦ ଭଳି ଚରମ ନିଷ୍ପତି ନେବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏଥିପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି । ଏଥିରେ ପ୍ରଫୁଲ୍ଲ କୁମାର ମିଶ୍ର -ସଭାପତି, ହାଡିବନ୍ଧୁ ମହାଖୁଡ-କାର୍ଯ୍ୟକାରୀ ସଭାପତି ଓ ସୁଶାନ୍ତ ସାହୁ, ଶୁକଦେବ ମିଶ୍ର, ପ୍ରଭାତ ପୃଷ୍ଟି, ପ୍ରଶାନ୍ତ କୁମାର ସାହୁ, ସୁଶାନ୍ତ ମହାପାତ୍ର, ସରୋଜ ସାହୁଙ୍କ ସମେତ ବିଭିନ୍ନ ପ୍ରମୁଖ ସଂଗଠନର ମୁଖ୍ୟ ମାନଙ୍କୁ ସ୍ଥାନୀତ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ, ଲୋ ଭୋଲଟେଜ୍ ସମସ୍ୟାର ସମାଧାନ, ଆକ୍ରୋଶ ମୂଳକ ପଦକ୍ଷେପରୁ ବିରତି, ଟାକରା ସର୍କିଟ ଗ୍ରୀଡ୍‌କୁ କାର୍ଯ୍ୟକ୍ଷମ ଆଦି ପ୍ରମୁଖ ଦାବୀ ପୂରଣ ପାଇଁ ଦାବୀ କରାଯାଇଛି । ଅଂଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଦଶପଲ୍ଲାରେ ଦୈନିକ ୧୫ରୁ ୨୦ ଥର ବିଦ୍ୟୁତ କାଟ ହେବା ସହ ପ୍ରବଳ ଲୋ-ଭୋଲଟେଜ୍ ସମସ୍ୟା ଦେଖାଦେଉଛି । ଏହା ଯୋଗୁଁ ଫ୍ରିଜ୍, ଏସି, କୁଲର ଭଳି ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନଷ୍ଟ ହେଉଛି । କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବଡ଼କଥା ହେଲା ଗୁରୁବାର ଦିନ ବୈଠକ ବସିଲା କିନ୍ତୁ ଶୁକ୍ରବାର ଦିନ ମନଇଚ୍ଛା ଲାଇନ କଟିଥିବା ଦେଖାଦେଇଛି ।

ସେଇଥ ଆରମ୍ଭ
SEITHO ARAMBHA

ଶନିବାର, ୩୦ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଶୁଭାରମ୍ଭକୁ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୨୯/୦୫(ଆ.ପ୍ର) : ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ଉରଡ)ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଅର୍ଥାତ୍ ୩୦/୦୫/୨୦୨୬ ଠାରୁ ୦୬/୦୯/୨୦୨୬ ପର୍ଯ୍ୟନ୍ତ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (Special Intensive Revision - SIR) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ (Collectorate Auditorium) ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ବିଭାଗୀୟ ଅଧିକାରିଣୀ (District Election Officer) ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଏହି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିର୍ଭୁଲ ଓ ଅପଡେଟ୍ କରିବା । ୩୦ ମେ, ୨୦୨୬ ରୁ ୨୮ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀମାନେ ପ୍ରତ୍ୟେକ ପରିବାର ଗସ୍ତ କରି ଭୋଟରଙ୍କ ତଥ୍ୟ ଯାଂଚ ଏବଂ ଫର୍ମ ସଂଗ୍ରହ କରିବେ । ୦୬ ସେପ୍ଟେମ୍ବର, ୨୦୨୬ ରେ ସମସ୍ତ ସଂଶୋଧନ ପରେ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ । ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ ବାଲେଶ୍ୱର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ।

ଫେମ୍ ଜାତୀୟ ପୁରସ୍କାରରେ ଟିପିଏନ୍ଓଡିଏଲ୍‌କୁ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ଲାଟିନମ୍ ପୁରସ୍କାର

ବାଲେଶ୍ୱର, ୨୯/୦୫(ଆ.ପ୍ର) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍, ୧୯ତମ ଫେମ୍ ଜାତୀୟ ପୁରସ୍କାରରେ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାରରେ ସମ୍ମାନିତ ହୋଇଛି । ଏହି ସମ୍ମାନ ୨୦୨୬ ଆର୍ଥିକ ବର୍ଷରେ କମ୍ପାନୀର ସମଗ୍ର କାର୍ଯ୍ୟକ୍ଷେତ୍ରରେ କର୍ମକ୍ଷେତ୍ରର ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଉଛି । ଏହି ସମାରୋହରେ ଟିପିଏନ୍ଓଡିଏଲ୍‌ର ସୁରକ୍ଷା ବିଭାଗର ମୁଖ୍ୟ ତପନ କୁମାର ପାତ୍ର ସଂଗଠନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଆହ୍ୱାନପୂର୍ଣ୍ଣ ଏବଂ କଠିନ କ୍ଷେତ୍ର ପରିସ୍ଥିତିରେ ମଧ୍ୟ ନିଜର କାର୍ଯ୍ୟକଳାପରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ଟିପିଏନ୍ଓଡିଏଲ୍‌ର ନିରନ୍ତର ଉତ୍ସର୍ଗୀକୃତ ଭାବକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି । ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅନେକ ପ୍ରତିଷ୍ଠିତ ସଂଗଠନ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହା ଏହି ସମ୍ମାନକୁ ଟିପିଏନ୍ଓଡିଏଲ୍‌ର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ କାର୍ଯ୍ୟକ୍ଷେତ୍ରର ଶୃଙ୍ଖଳା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଭାବରେ ପ୍ରତିଷ୍ଠିତ କରିଛି । ଏହି ସଫଳତାର ମାଇଲଖୁଂଟ ସମଗ୍ର ଟିପିଏନ୍ଓଡିଏଲ୍ ଟିମ୍‌ର ଉତ୍ସର୍ଗୀକୃତ ଭାବ ଏବଂ ସାମୂହିକ ପ୍ରୟାସକୁ ପ୍ରତିଫଳିତ କରେ, ଯେଉଁଠାରେ 'ସୁରକ୍ଷା ପ୍ରଥମେ, ସୁରକ୍ଷା ସର୍ବଦା' ଏକ ମୂଳ ମାର୍ଗଦର୍ଶକ ନୀତି ହୋଇ ରହିଛି । ଏହା ସହିତ ଏହି ବିଦ୍ୟୁତ ବଂଟନ କମ୍ପାନୀର 'କାହାରି କେବେ ହେଲେ କ୍ଷତି ନହେଉ' ର ମହତ ଦୂରଦୃଷ୍ଟି ସହ ସମାନ ଅଟେ, ଯାହା ଏକ ଅନୁଭୂତି ଭାବରେ ଏହାର କର୍ପୋରେଟ୍ ନୀତି, କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତା ଏବଂ ଦୈନନ୍ଦିନ କାର୍ଯ୍ୟକୁ କ୍ରମାଗତ ଭାବରେ ରୂପରେଖ ଦେଇଥାଏ । ସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ ଗ୍ରହଣ କରିବା, ନିୟମିତ ସୁରକ୍ଷା ସଚେତନତା ଅଭିଯାନ ଚଳାଇବା, କର୍ମଚାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଜବୁତ କରିବା, କ୍ଷେତ୍ରସ୍ତରୀୟ ପର୍ଯ୍ୟବେକ୍ଷଣକୁ ବୃଦ୍ଧି କରିବା ଏବଂ ବିଶ୍ୱସ୍ତରରେ ଗ୍ରହଣୀୟ ସୁରକ୍ଷା ମାନଦଣ୍ଡକୁ ଆପଣାଇବା ଉପରେ କମ୍ପାନୀର ରଣନୀତିକ ଧ୍ୟାନକୁ ଏହି ସ୍ୱୀକୃତି ଦର୍ଶାଉଛି । ଏହି ହାଇ-ପ୍ରୋଫାଇଲ୍ ପୁରସ୍କାର ସମାରୋହରେ ଅନେକ ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ମାନ୍ୟଗଣ୍ୟ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ । ବିଗତ ବର୍ଷଗୁଡ଼ିକରେ, ଟିପିଏନ୍ଓଡିଏଲ୍ ନିଜର କର୍ମଚାରୀ, କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରେ କର୍ମକ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସକ୍ରିୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରମାଗତ ଭାବରେ ବିଶେଷ ପଦକ୍ଷେପମାନ ଗ୍ରହଣ କରିଆସିଛି । ଏହି ସାମ୍ପ୍ରତିକ ସମ୍ମାନ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଉତ୍ତର ଓଡ଼ିଶାରେ ଏହାର ସମଗ୍ର ବଂଟନ ନେଟୱାର୍କରେ ଏକ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ବଜାୟ ରଖିବାର ଦୂରଦୃଷ୍ଟି ପ୍ରତି ରହିଥିବା ସ୍ଥାୟୀ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି । ଆଗକୁ ବଢ଼ିବା ସହିତ, ଟିପିଏନ୍ଓଡିଏଲ୍ ନିଜର ସୁରକ୍ଷା ପରିଚାଳନା ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟତା ଆଣିବା ପାଇଁ ଉତ୍ସର୍ଗୀକୃତ ରହିଛି । ସଂଗଠନର ପ୍ରତ୍ୟେକ ସ୍ତରରେ ସକ୍ରିୟ ସୁରକ୍ଷା ଅଭ୍ୟାସକୁ ଅନ୍ତର୍ଭୁକ୍ତ କରି ଏବଂ ଉତ୍ତରଦାୟିତ୍ୱର ଏକ ଦୃଢ଼ ସଂସ୍କୃତି ଗଠନ କରି, କମ୍ପାନୀ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ କାର୍ଯ୍ୟକଳାପ ଉପରେ ନିଜର ଅଟଳ ଧ୍ୟାନ ମାଧ୍ୟମରେ ବିଦ୍ୟୁତ ବଂଟନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଜାରି ରଖିଛି ।

ବାଲେଶ୍ୱରରେ ଡ. ଜ୍ୟୋତିଷ୍କର ମହାପାତ୍ର ଫାଉଣ୍ଡେସନର ଦ୍ୱିତୀୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ

ବାଲେଶ୍ୱର, ୨୯/୦୫(ଆ.ପ୍ର) : ଡ. ଜ୍ୟୋତିଷ୍କର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଷ୍ଟେସନ୍ କ୍ଲବ୍‌ଠାରେ ଆଜି ସନ୍ଧ୍ୟାରେ ଦ୍ୱିତୀୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । 'ଯୁଦ୍ଧ ଓ ଶାନ୍ତି: ଭାରତ ସମ୍ମୁଖରେ ଆହ୍ୱାନ ଓ ସୁଯୋଗ' ଶୀର୍ଷକ ବିଷୟ ଉପରେ ଏହି ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର୍ ନେତାଜୀ ଅଭିନନ୍ଦନ କହିଥିଲେ ଯେ, ପୂର୍ବରୁ ଅନ୍ତର୍ଜାତୀୟ ସମ୍ପର୍କ ଯୁଦ୍ଧ ଓ ଶାନ୍ତିକୁ ନେଇ ଆରମ୍ଭ ହୋଇଥିଲା । ହେଲେ ବର୍ତ୍ତମାନ ବିଶ୍ୱ ରାଜନୀତିକୁ ପୁଞ୍ଜିପତିମାନେ ନିୟନ୍ତ୍ରଣ କରୁଛନ୍ତି ଏବଂ ସେମାନଙ୍କ ହିସାବରେ ସରକାର ଚାଲୁଛି । ବିଶ୍ୱ ବଜାର ନିୟନ୍ତ୍ରଣ ପାଇଁ ଯୁଦ୍ଧ କରାଯାଉଛି । ଆମେରିକା-ଇରାନ ଯୁଦ୍ଧର କୌଣସି ଯଥାର୍ଥତା ନାହିଁ, ତଥାପି ଯୁଦ୍ଧ ଜାରି ରହିଛି ବୋଲି ସେ ମତ ଦେଇଥିଲେ । ସେ ଆହୁରି କହିଥିଲେ, ବର୍ତ୍ତମାନ କୌଣସି ନୀତି ବା ନିୟମ ନାହିଁ । ଏଭଳି ସ୍ଥିତିରେ ଭାରତ କାହା ସହିତ ଛିଡ଼ା ହେବ, ତାହା ଏକ ବଡ଼ ଆହ୍ୱାନ । କିଛି ରାଷ୍ଟ୍ର ଯୁଦ୍ଧ ଦ୍ୱାରା ଅର୍ଥନୀତି ଆଗକୁ ବଢ଼ିବ ବୋଲି ଭାବି ଆଗେଇ ଚାଲିଛନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥା କେଉଁଠି ନାହିଁ, ସବୁଠି କେବଳ ଲାଭକୁ ପ୍ରାଧାନ୍ୟ ଦିଆଯାଉଛି । ଶକ୍ତିଶାଳୀ ରାଷ୍ଟ୍ର ଅନ୍ୟ ଦେଶ ଉପରେ ଆକ୍ରମଣ କରୁଛନ୍ତି । ମିଳିତ ଜାତିସଂଘ ଏବେ 'କାଗଜ ବାଘ' ପାଲଟିଛି ଏବଂ କେହି ଏହାକୁ ମାନୁ ନାହାନ୍ତି ବୋଲି ପ୍ରଫେସର ଅଭିନନ୍ଦନ କ୍ଷୋଭ ପ୍ରକାଶ କରିଥିଲେ । ଭବିଷ୍ୟତ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ୨୦୪୭ର ବିକଶିତ ଭାରତ ପାଇଁ ଆଗାମୀ ଯୁଦ୍ଧ ଡାଟା ବା ତଥ୍ୟକୁ ନେଇ ହେବ । ସ୍ୱପ୍ନ ପୂରଣ ପାଇଁ ଗବେଷଣା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ନଚେତ୍ ଭାରତ ପଛରେ ପଡ଼ିଯିବ । ବାଲେଶ୍ୱର ଓକିଲ ସଂଘର ସଭାପତି ଆଇନଜୀବୀ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ ପକ୍ଷରୁ ପ୍ରଫେସର୍ ନେତାଜୀ ଅଭିନନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । କବି ଶ୍ରୀଦେବ ଓ ସନ୍ତୋଷ ଅଗସ୍ତି ପ୍ରମୁଖ ଡ. ଜ୍ୟୋତିଷ୍କର ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମକୁ ଗୋପାମୁଦ୍ରା ମହାପାତ୍ର ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଦେଶୀ ରନ୍ଧା ମଦ ଜବଦ, ୦୩ ଗିରଫ

ସିମୁଳିଆ, ୨୯/୦୫(ଆ.ପ୍ର) : ଅବକାରୀ ବିଭାଗ ପକ୍ଷରୁ ସିମୁଳିଆରେ ଚଢ଼ାଉ, ଦେଶୀ ରନ୍ଧା ମଦ ଜବଦ ସହ ତିନି ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଅବକାରୀ ଅଧୀକ୍ଷକ ସ୍ୱପ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ବଡ଼ି ମହାରଣା, ଭିୟା ଓ ମାଟିଆପଡ଼ା ଗ୍ରାମ ଅଂଚଳରେ ଚଢ଼ାଉ କରାଯାଇ ୧୩୦ ଲିଟର ଦେଶୀ ରନ୍ଧା ମଦ ଜବଦ କରିବା ସହିତ ମହାରଣା ଗ୍ରାମର ଭଗବାନ ଶିଅଳ, ମାଟିଆପଡ଼ା ଗ୍ରାମର ପାର୍ବତୀ ବର୍ମା ଓ ଭିଆ ଗ୍ରାମର କାର୍ତ୍ତିକ ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବଦ ହୋଇଥିବା ଦେଶୀ ରନ୍ଧା ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୋଗରାଇ, ୨୯/୦୫(ଆ.ପ୍ର) : ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଭୋଗରାଇସ୍ଥିତ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ୪ର୍ଥ ସେମିଷ୍ଟାର ପରୀକ୍ଷାର୍ଥୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ (ଇଂଟର୍ଣ୍ଣସିପ) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ମାନ୍ୟବର କୁଳପତି ପ୍ର. ପ୍ରଭାତ କୁମାର ମହାପାତ୍ର ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବନଶୀଳ ହେବାର ବିଭିନ୍ନ ମାଧ୍ୟମକୁ ଆନ୍ତରିକ ଭାବରେ ଗ୍ରହଣ କରି କର୍ତ୍ତବ୍ୟ ପରାୟଣ ହେବାକୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ସମୀର କୁମାର ନନ୍ଦ ଓ ଅଧ୍ୟାପକ ଦେବବ୍ରତ ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶିକ୍ଷଣାର୍ଥୀ ଛାତ୍ର ଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ ।

ଟ୍ରେନ୍‌ର ବଗିରେ ସିମେଂଟ ସ୍ଲିପର ଲୋଡ଼ ବେଳେ ଅକାମି ହୋଇ ପଡିଲା କ୍ରେନ ମରାମତି କାର୍ଯ୍ୟ ଚାଲିଛି

ନୀଳଗିରି, ୨୯/୦୫(ଆ.ପ୍ର) : ଗୁରୁବାର ସନ୍ଧ୍ୟାରେ ରେଳ ଧାରଣାରେ ବିଛା ଯାଉଥିବା ସିମେଂଟ ସ୍ଲାବ ଷ୍ଟେସନରେ ଛିଡ଼ା ହୋଇଥିବା ରେଳ ୱାଗନରେ ଏକ କ୍ରେନ ଲଦିବା ସମୟରେ କ୍ରେନର ବିଶାଳକାୟ ଆର୍ମଟିର ସସ୍ପେନସନ ବା ସଳ ଅବଜର୍ଭରଟି ଅକାମି ହୋଇପଡ଼ିଥିଲା । ଫଳରେ ଏହି କ୍ରେନର ଆର୍ମଟି ଆଉ ଚଳମାନ ହୋଇ ନ ପାରି ଅକାମି ହୋଇ ପଡ଼ିଥିଲା । ମୋଟ ସର୍ବାଧିକ ପାଂଚ ଟନର ସ୍ଲାବ ଉଠାଇ ୱାଗନରେ ରଖିବାର କ୍ଷମତା ଏହି କ୍ରେନର ରହିଛି । ତେବେ ଦୁର୍ଘଟଣା ବେଳେ କ୍ରେନଟି ଅଧିକ ଓଜନର ସ୍ଲାବ ଉତୋଳନ କରୁଥିଲା କି ନାହିଁ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ମୁହଁ ଖୋଲି ନାହାନ୍ତି । ତେବେ ଦୁର୍ଘଟଣା ରେ କାହାରି କୌଣସି କ୍ଷତି ହୋଇନାହିଁ । ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଭଳି ଦୁର୍ଘଟଣା ସମ୍ପର୍କରେ ଅବଗତ ହେବା ପରେ ଦକ୍ଷିଣ ପୂର୍ବ ରେଳବାଇର ବିଭାଗୀୟ ଅଧିକାରୀଙ୍କୁ ଫୋନ କରି ତୁରନ୍ତ ଟ୍ରେନ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

'ମନା' ତରଫରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ

ବାଲେଶ୍ୱର, ୨୯/୦୫(ଆ.ପ୍ର) : ଆଜି ପୂର୍ବାହ୍ନରେ ମିଳିତ ନିଶା ନିବାରଣ (ମନା), ବାଲେଶ୍ୱର ତରଫରୁ ସଦସ୍ୟମାନେ ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ତପନ କୁମାର ଖୁଂଟିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଫୁଲକୁଣ୍ଡ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ସଭାପତି ପ୍ରଭାକର ସାହୁ ନିଶା ନିବାରଣ କ୍ଷେତ୍ରରେ 'ମନା'ର ଆଭିମୁଖ୍ୟ ବିଷୟରେ ପ୍ରକାଶ କରିଥିଲେ । ବରିଷ୍ଠ ଉପଦେଷ୍ଟା ସୁବ୍ରତ କର 'ମନା' କରୁଥିବା ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏହି ଦିଗରେ ପ୍ରଶାସନିକ ସାହାଯ୍ୟ, ସହଯୋଗ କାମନା କରିବା ସହିତ ଚଳିତବର୍ଷର 'ମୁଖପତ୍ର' ଓ ନୀତିକୃଷ୍ଣ ଚୌଧୁରୀଙ୍କ ପୁସ୍ତକ ପ୍ରଦାନ କରିଥିଲେ । ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦିକା ଗୀତାଞ୍ଜଳି ସିଂହ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଓ ଗଙ୍ଗାଧର ଦାସ ମଧ୍ୟ ଉପସ୍ଥିତ ରହି ଶ୍ରୀ ଖୁଂଟିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଯୁଦ୍ଧର କୌଣସି ଆବଶ୍ୟକତା ନାହିଁ :ପ୍ରାଧ୍ୟାପକ ନେତାଜୀ ଅଭିନନ୍ଦନ

ବାଲେଶ୍ୱର, ୨୯/୦୫(ଆ.ପ୍ର) : ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱରେ ଯୁଦ୍ଧର କୌଣସି ଆବଶ୍ୟକତା ନାହିଁ । ତଥାପି କ୍ଷମତା ଲୋଭୀ ମାନେ ଅଯଥାରେ ନିଜର ପ୍ରଭୁତ୍ୱକୁ ଜାହିର କରିବାକୁ ଯୁଦ୍ଧକୁ ବିଶ୍ୱ ଉପରେ ଲଦି ଦେଉଛନ୍ତି । ୟୁରୋପ ମହାଦେଶ ଓ ଯୁକ୍ତ ରାଷ୍ଟ୍ର ଆମେରିକା ବିଶ୍ୱ ବାଣିଜ୍ୟ ଫର୍ମୁଲାକୁ ବିଶ୍ୱ ଉପରେ ଲଦି ଦେବାର କୋଡିଏ ବର୍ଷ ପରେ ଏସିଆ ମହାଦେଶର ଚୀନ, ଦକ୍ଷିଣ କୋରିଆ, ଜାପାନ, ଭାରତ ଆଦି ଦେଶ ଶସ୍ତାରେ ଉତ୍ତମ ମାନର ଦ୍ରବ୍ୟକୁ ବିଶ୍ୱ ବଜାରରେ ବିକ୍ରି କରିବାରେ ସଫଳ ହେବା ପରେ ଆମେରିକା ଏବେ ବିଶ୍ୱ ବାଣିଜ୍ୟର ସ୍ଲୋଗାନକୁ ଛାଡି ଆମେରିକାର ଦ୍ରବ୍ୟ କିଣିବାକୁ ବାଧ କରୁଛି । ତେଣୁ ଯୁଦ୍ଧର ସୂତ୍ରପାତ ଘଟିଛି । ଆଜି ସନ୍ଧ୍ୟାରେ ଷ୍ଟେସନ କ୍ଲବ ପରିସରରେ ଡ଼. ଜ୍ୟୋତିଷ୍କର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଦ୍ୱିତୀୟ ସ୍ମାରକୀ ବକ୍ତୃତାର ମୁଖ୍ୟ ଅତିଥି ତଥା ରେଭେନ୍ସା ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ର ମୁଖ୍ୟ 'ଯୁଦ୍ଧ ଓ ଶାନ୍ତି -ଭାରତ ସମ୍ମୁଖରେ ଆହ୍ୱାନ ଓ ସୁଯୋଗ 'ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକ ପାତ କରି ଏ କଥା ଉଲ୍ଲେଖ କରିଛନ୍ତି ।, ଇରାକ ଉପରେ ଜର୍ଜ ବୁଶଙ୍କ ଆକ୍ରମଣ ହେଉ ଅଥବା ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ଅପହରଣ କିମ୍ବା ରୁଷର ୟୁକ୍ରେନ ଉପରେ ଆକ୍ରମଣ ପଛରେ ଏକ ଉଦ୍ଦେଶ୍ୟ ରହିଛି । ତାହା ହେଲା ନିଜର ଅସ୍ତ୍ର ବିକ୍ରିର ହୀନ ପ୍ରୟାସ । ଭାରତ ସରକାର ଏ ସବୁ ପ୍ରସଙ୍ଗରେ ଆମେରିକା, ଇସ୍ରାଏଲ କିମ୍ବା ରୁଷର ଯୁଦ୍ଧଖୋର ମନୋବୃତ୍ତିକୁ ନିନ୍ଦା ନ କରି ଓଲଟି ଇସ୍ରାଏଲ ଯାଇ ବେଞ୍ଜାମିନ ନେତନହ୍ୟୁଙ୍କୁ କୋଳେଇ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ଭବିଷ୍ୟତରେ ତଥ୍ୟ ବା ଡାଟା ପାଇଁ ଯୁଦ୍ଧ ହେବାକୁ ଯାଉଛି । ଆମ ସରକାର ବୁଦ୍ଧଦେବଙ୍କ ନୀତି ଅନୁସରଣ କରି ମଧ୍ୟ ମାର୍ଗ ଗ୍ରହଣ କରିବା ଉଚିତ ଥିଲା । , ୨୦୪୭ର ବିକଶିତ ଭାରତର ସ୍ୱପ୍ନ ରେ ଲୋକେ ନ ଶୋଇ ଗବେଷଣା ଉପରେ ଧ୍ୟାନ ନ ଦେଲେ ଭାରତ ପଛରେ ପଡ଼ିଯିବ ବୋଲି ପ୍ରଫେସର ଡ଼. ନେତାଜୀ ଅଭିନନ୍ଦନ କହିଥିଲେ । ଆମେରିକା ଓ ଇସ୍ରାଏଲ କୁ ଶିଳ୍ପପତି ମାନେ ଚଳାଉଥିବା ଉଲ୍ଲେଖ କରି ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥା ପରିବର୍ତ୍ତେ ଏବେ ସ୍ୱେଚ୍ଛାଚାରୀଙ୍କ କବଳରେ ସାରା ବିଶ୍ୱ କବଳିତ ବୋଲି ଉଲ୍ଲେଖ କରିଥିଲେ । ଆଇନଜୀବୀ ମନୋଜ ନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଶ୍ରୀଦେବ, କବି ପ୍ରଶାନ୍ତ ଦାସ, ସନ୍ତୋଷ ଅଗସ୍ତି ପ୍ରମୁଖ ଡ଼. ଜ୍ୟୋତିଷ୍କର ମହାପାତ୍ରଙ୍କ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଡ଼. ମହାପାତ୍ରଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମୁଖ୍ୟ ଅତିଥି ଡ଼. ନେତାଜୀ ଅଭିନନ୍ଦନଙ୍କୁ ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା । କାର୍ଯ୍ୟକ୍ରମକୁ ଗୋପାମୁଦ୍ରା ମହାପାତ୍ର ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଉଇଣ୍ଡୋଜ୍ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ରାଇରଙ୍ଗପୁର, ୨୯/୦୫(ଆ.ପ୍ର) : ରାଇରଙ୍ଗପୁରର ଲଂଚ୍ ଉଇଣ୍ଡୋଜ ଏଜୁକେଶନ ଟ୍ରଷ୍ଟ ପରିସରରେ ଲଂଚ ଉଇଣ୍ଡୋଜ୍ କମ୍ପ୍ୟୁଟର ଏଜୁକେସନ ଟ୍ରଷ୍ଟ, 'ସମ୍ବାଦ-ଆମ ଓଡିଶା' ଓ ଜୁନିୟର୍ ରେଡକ୍ରସ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରୁ ମୋଟ ୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଟ୍ରଷ୍ଟର ଟ୍ରଷ୍ଟି ଦୀପକ୍ କୁମାର ବେହେରା, ଡାଇରେକ୍ଟର୍ ଗିତାଞ୍ଜଳୀ ମହାକୁଡ, ଏମଡି ଆଶିଷ କୁମାର ବଡେଇ, ରାଇରଙ୍ଗପୁର ସମ୍ବାଦ ଜିଲ୍ଲା ପ୍ରତିନିଧି ତଥା ଆମ ଓଡିଶା ସଂଯୋଜକ ତୁଷାର କାନ୍ତ ମହାନ୍ତ, ଜିଲ୍ଲା ଜୁନିୟର୍ ରେଡକ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ବହଳଡା ବ୍ଲକ ବିଆରସିସି ବିଭୂତି ଭୂଷଣ ପଲେଇ ଓ ସମ୍ମାନିତ ଅତିଥି ଭାବେ ୧୩ ନଂ ୱାର୍ଡର କାଉନସିଲର ଧାରା ବେହେରା, ରାଇରଙ୍ଗପୁର ଗଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଉଦୟଭାନୁ ପ୍ରଧାନ, ଜିଲ୍ଲା ବ୍ଲଡ଼ବ୍ୟାଙ୍କର ଅସିଷ୍ଟାଣ୍ଟ ମ୍ୟାନେଜର ସୁରଜ ପଟ୍ଟନାୟକ, ଅଭିନାଶ ପ୍ରଧାନ ଅତିଥି ଭାବେ ଯୋଗଦେଇ ଫିତାକାଟି ଉଦଘାଟନ କରିବା ସହିତ ରକ୍ତଦାତା ଓ ଶିବିର ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

ଦିଅର ଭାଉଜଙ୍କୁ ଅପହରଣ, ଦୁଇ ଜଣ ଅଟକ, ଅଟୋ ଜବଦ

ସିମୁଳିଆ, ୨୯/୦୫(ଆ.ପ୍ର) : ଦିଅର ଓ ଭାଉଜ ଦୁଇ ଜଣଙ୍କୁ ଅପହରଣ ବେଳେ ଚିତ୍କାର କରିବାରୁ ମାଡି ବସିଲେ ଗ୍ରାମବାସୀ କ୍ଷ ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଁଚି ଦିଅର ଓ ଭାଉଜଙ୍କୁ ଉଦ୍ଧାର କରିବା ସହ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ଅପହରଣରେ ବ୍ୟବହୃତ ଅଟୋକୁ ପୁଲିସ ଜବଦ କରିଛି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପାଇତୋରଣା ଗାଁର ବଳରାମ ମଳିକ ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ସ୍ତ୍ରୀ ନିରୁପମା ମଳିକ ଦେଢ଼ ଖରାପ ସୋଲୁ ଦିଅର ପ୍ରଭୁତିକୁ ସାଙ୍ଗରେ ଧରି ଗୁରୁବାର ଦିନ କ୍ଷୀରକୋଣା ବଜାରରେ ଡାକ୍ତରଙ୍କୁ ଦେଖାଇବାକୁ ଯାଇଥିଲେ । ସେଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କ୍ଷୀରକୋଣା ମଳିକ ସାହି ଗ୍ରାମର ବିପିନ ଚନ୍ଦ୍ର ମଳିକ (୪୫)ବର୍ଷ, ଅନିଲ ମଳିକ (୧୯)ବର୍ଷ, ସନ୍ତୋଷ (୨୧)ବର୍ଷ, ବାପୁନ (୩୦)ବର୍ଷ ଓ ଗିରିଧାରୀ (୨୫)ବର୍ଷ ପ୍ରଭୃତି, ଭୁଲାଇ ଦେଖାଇ ଉଭୟଙ୍କୁ ମାଡ଼ ମାରି ତାଙ୍କ ଘରେ ଅଟକ ରଖିଥିଲେ । ସନ୍ଧ୍ୟାରେ ଏକ ଅଟୋରେ ଦିଅର ଭାଉଜଙ୍କୁ ବାନ୍ଧି ଏକ ଅଟୋ ସାହାଯ୍ୟରେ ଅନ୍ୟତ୍ର ଅପହରଣ କରିନେଉଥିବା ବେଳେ ଭଦ୍ରକ ଜିଲ୍ଲା ବେତଡା ତୁଳସୁଳା ରାସ୍ତାରେ ମହିଳା ଜଣଙ୍କ ଚିତ୍କାର କରିବାର ଶୁଣି ଗ୍ରାମବାସୀ ଅଟୋକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଁଚି ଦିଅର ଓ ଭାଉଜଙ୍କୁ ଉଦ୍ଧାର କରିବା ସହ ବାସୁଦେବପୁର ପରେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା କରାଉଛି । ଆଉ ଅଟୋକୁ ଜବଦ କରିବା ସହ ଅପହରଣ କାରୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଛି । କାହିଁକି ଓ କଣ ପାଇଁ ଅପହରଣ କରିଥିଲେ ତାହା ଅଧିକ ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

ସେଇଥୁ
ଆରମ୍ଭ
SEITHO ARAMBHA
ଶନିବାର, ୩୦ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅହଂଭାବ

କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତ୍ତନ ଅନୁଭବ କରିବାରେ ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର । ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୁତ ମଣିଷର ବାସ୍ତବତା କ'ଣ... ? । ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା । କେମିତି... ? ଉତ୍ତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନକରିପାରିଲେ ମଧ୍ୟ ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚାରିତ୍ରିକ ଶୁଧାର ଆଣିପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୂରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧ୍ୟରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଦିଷ୍ଟତା ମଧ୍ୟରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି । ଅଧିକ ଆଉ ଉପରକୁ ଯିବାପାଇଁ ଅଦାଜ୍ଞ ନହୋଇ କେବଳ ସୀମିତ ପରିଧି ମଧ୍ୟରେ ସମ୍ପୃକ୍ତ ମଣିଷର ଭାବଧାରା ଘୁରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୁତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର । କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣରୁ ବଳି ସମ୍ଭାଳଇ । ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ୟ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଣୁଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଗରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇନଥାଏ । କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧ୍ୟରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଣୁଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧ୍ୟରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନିନେଉଥିବା ମଣିଷର ଭାବଧାରାରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି ପରଖି ଦେଖିଲେ ଜାଣିହେବ ଯେ କାହାଦ୍ୱାରା ଲଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦତ୍ତ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ । ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରବାହିତ ଭାବଧାରା ଗୁଡିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଉଥା'ନ୍ତି ସାଧାରଣ ସବୁ ମଣିଷ । ଅଣୁଜନଙ୍କ ବ୍ୟକ୍ତିଗତ ବିଚାରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣିନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଣୁଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତାରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ ମଣିଷ ସେତେବେଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦଦେଇ ଠକାମିର ଶିକାର ହେଉଥିବାରୁ କେହି ଉଦ୍ଧାର କରିପାରିବେ ନାହିଁ । ତେଣୁ ଆଜିସମୟର ଯେକୌଣସି ମତବାଦ ଗୁଡିକୁ ଅଚିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ଅହଂଭାବରୁ ଦୂରେଇ ରହିପାରିବା ।

ତମାଖୁ ପ୍ରେମରେ ଯୁବପିଢ଼ି

॥ କିଶୋର ଚନ୍ଦ୍ର ବେହେରା ॥

ତମାଖୁ ସେବନ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । ଏହା କର୍କଟ ଏବଂ ହୃଦ୍‌ଘାତ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ତମାଖୁ ମୁକ୍ତ ସମାଜ ଗଠନ ପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ ପର୍ଯ୍ୟନ୍ତ ସମସ୍ତେ ତତ୍ପର କିନ୍ତୁ ଏହା ଥମିବାର ନାଁ ଧରୁନି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଦ୍ୱାରା ପାଳନ କରାଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ବିଶ୍ୱ ଏଡ୍ସ ଦିବସ ଓ ବିଶ୍ୱ ରକ୍ତ ଦାନକାରୀ ଦିବସ ଆଦିସ୍ୱାସ୍ଥ୍ୟ ସଚେତନତା ଦିବସମାନଙ୍କ ମଧ୍ୟରୁ ବିଶ୍ୱ ତମାଖୁହୀନ ଦିବସ ଅନ୍ୟତମ । ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲଡ୍ ନୋ ଟବାକୋ ଡେ' ଭାବେ ପାଳନ କରାଯାଏ । ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ । ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ କିଛି ଲୋକ ଜାଣିଶୁଣି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ସଚେତନତାର ଅଭାବ ଯୋଗୁଁ ତମାଖୁର ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି । ଫଳରେ ସାରା ବିଶ୍ୱରେ ଫୁସ୍?ଫୁସ୍? କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ତମାଖୁ ଦୁଇ ପ୍ରକାର ବ୍ୟବହାର ହୋଇଥାଏ । ଗୋଟିଏ ଧୂଆଁ ମାଧ୍ୟମରେ ଯେପରିକି ସିଗାରେଟ୍, ଗଞ୍ଜେଇ ଓ ବିଡ଼ି ଗୋଟିଏ ପ୍ରକାର ହୋଇଥିବାବେଳେ ଗୁଟ୍‌ଖା, ଜର୍ଦ୍ଦା, ଗୁଣ୍ଡି, ଖଇନି, ଦୋକତା ଓ ନାଶ ଭଳି ପଦାର୍ଥ ଚୋବାଇ ଲୋକମାନେ ବ୍ୟବହାର କରିଥାନ୍ତି । ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଥାଏ । ତନ୍ମଧ୍ୟରୁ ୭୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସ୍‌ଫୁସ୍, ମୁଖଗହ୍ୱର, ଜିହ୍ୱା କର୍କଟ ରୋଗ ଦେଖାଦେଇଥାଏ । ମହିଳାମାନେ ତମାଖୁ ସେବନ କରିବା ଦ୍ୱାରା ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଓ ଜୀବନ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ । ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ୍ୟ ଜନ୍ମ ହେବାର ଆଶଙ୍କା ରହିଛି ।

ତମାଖୁ ସେବନ ଯୋଗୁଁ ମୃତ୍ୟୁହାରର ଅହେତୁକ ବୃଦ୍ଧି ହେତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ୮ ନିୟୁତରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଥାନ୍ତି । ଧୂମପାନ କରୁନଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏହା ମାରାତ୍ମକ ହୋଇପାରେ । ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ । ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼େ । ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ । ଏହି ଦିବସ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ । ଚଳିତବର୍ଷ ଏହି ଦିବସର ସନ୍ଦର୍ଭ ହେଉଛି ' ନିକୋଟିନ ଓ ତମାଖୁ ନିଶାକୁ ପ୍ରତିହତ କରିବା' । ପରୋକ୍ଷ ଭାବରେ ତମାଖୁ ଧୂଆଁ ସଂସ୍ପର୍ଶରେ ଆସିବା ଫଳରେ ହୃଦରୋଗ, କର୍କଟ ଏବଂ ଅନ୍ୟାନ୍ୟ ରୋଗର କାରଣ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୮୭ରେ ବିଶ୍ୱ ତମାଖୁହୀନ ଦିବସ ପ୍ରଥମକରି ଆରମ୍ଭ କରିଥିଲେ । ଗତ ୪୦ ବର୍ଷ ଧରି, ଏହି ଦିବସ ସରକାର, ସାମାଜିକ ସ୍ୱାସ୍ଥ୍ୟ ସଙ୍ଗଠନ, ଧୂମପାନକାରୀ, ତମାଖୁ ଚାଷୀ ଓ କାରଖାନାମାନେ ଏହି ଦିବସ ସପକ୍ଷ ଓ ବିପକ୍ଷରେ ମତ ଦେଇଛନ୍ତି । ତମାଖୁ ସେବନ ଦ୍ୱାରା କର୍କଟ, ହୃଦଘାତ, ଯକ୍ଷ୍ମା, ଫୁସଫୁସ ରୋଗ,ନପୁଂସକତା,ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ପରି ରୋଗ ହୋଇଥାଏ । ତେବେ ଓଡ଼ିଶାକୁ ନେଇ 'ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ' ଅର୍ଥାତ ଏନ.ଏଫ.ଏଚ.ଏସ-୫ରେ ଆସିଛି ଚାଂଚଲ୍ୟକର ତଥ୍ୟ, ପୁରୁଷଙ୍କ ତମାଖୁ ସେବନ କମୁଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ତମାଖୁ ସେବନ ବାଢ଼ୁଥିବାର ଲକ୍ଷ କରାଯାଉଛି । ଏନ.ଏଫ.ଏଚ.ଏସ-୪ ରିପୋର୍ଟ ଅନୁସାରେ ୫୫.୯% ପୁରୁଷ ତମାଖୁ ସେବନ କରୁଥିଲେ । ଯାହା ଏ ନ . ଏ ଫ . ଏ ଚ . ଏ ସ - ୫ରିପୋର୍ଟରେ ୫୧.୬%କୁ ଖସିଛି । ହେଲେ ଏନ.ଏଫ.ଏଚ.ଏସ-୪ ରିପୋର୍ଟ ଅନୁସାରେ ୧୭.୩% ମହିଳା ତମାଖୁ ସେବନ କରୁଥିବା ବେଳେ ଯାହା ଏନ.ଏଫ.ଏଚ.ଏସ-୫ ରିପୋର୍ଟ ଅନୁସାରେ ୨୬% କୁ ବୃଦ୍ଧି ପାଇଛି । ଯାହା ମହିଳାଙ୍କୁ ଅସୁରକ୍ଷିତ ମାତୃତ୍ୱ ଦେଇଥାଏ । ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ କମ ଓଜନରେ ଜନ୍ମ ହୋଇଥାଏ । ସ୍ୱାସ୍ଥ୍ୟ ବିଭାଗ ତମାଖୁ ସେବନକାରୀଙ୍କ ବିରୋଧରେ କୋଟପା ଆଇନକୁ ଆହୁରି କଡାକଡି କରାଯିବ ବୋଲି ପ୍ରଚେଷ୍ଟା ଜାରି ରଖିଛନ୍ତି ।

ଚଳଚ୍ଚିତ୍ରର ଆରମ୍ଭ ପୂର୍ବରୁ କିମ୍ବା ଟେଲିଭିଜନରେ ବିଭିନ୍ନ ସମୟରେ ଏକ ବାର୍ତ୍ତା ଆସିଥାଏ ଯେ 'ତମାଖୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ' । ଟିଭି, ପୋଷ୍ଟର, ବ୍ୟାନର ମାଧ୍ୟମରେ ସବୁବେଳେ ତମାଖୁ କ୍ଷତିକାରକ ଗୁଣ ସମ୍ପର୍କରେ ସଚେତନ କରାଯାଏ । ଏହା ମାଧ୍ୟମରେ ତମାଖୁ ସେବନ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ସଚେତନ କରାଯାଏ । ତମାଖୁ ଆମ ପାଇଁ କିପରି ସାଂଘାତିକ ହୋଇପାରେ ସେ ବିଷୟରେ ଲୋକଙ୍କୁ କୁହାଯାଏ । ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀଙ୍କୁ ତମାଖୁ ଠାରୁ ଦୂରରେ ରଖିବା ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଂସ୍ଥା ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ 'ନିଶା ମୁକ୍ତ ଅଂଚଳ' ଘୋଷଣା କରିବା ନିମନ୍ତେ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ତାହା ଆଶାନୁରୂପକ ସଫଳ ହୋଇପାରୁନାହିଁ । ଶିକ୍ଷାନୁଷ୍ଠାନ ପାରିପାର୍ଶ୍ୱିକ ଅଂଚଳ ଗୁଡିକରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନ୍. ସି. ସି. ଓ ସ୍କାଉଟ ଗାଇଡି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା ଶିବିର, ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା ଏବଂ ପ୍ରତ୍ୟେକ ଗୃହ କର୍ତ୍ତାଙ୍କ ସହ ଯୋଗାଯୋଗ ସ୍ଥାପନ କରାଗଲେ ମଧ୍ୟ ସଂପୂର୍ଣ୍ଣ ଭାବେ ବନ୍ଦ ହେବା କଷ୍ଟକର ହୋଇ ପଡୁଛି ଉଭୟ ଗ୍ରାମାଂଚଳ ଓ ସହରାଂଚଳ ମଧ୍ୟରେ । ବିଶେଷ କରି ସହରାଂଚଳ ଅପେକ୍ଷା ଗ୍ରାମାଂଚଳର ଯୁବ ଗୋଷ୍ଠୀ ମାନେ ଅଧିକ ତମାଖୁ ଜାତ ଦ୍ରବ୍ୟର ବ୍ୟବହାର କରିଥାନ୍ତି । ସଚେତନତା ଉଦ୍ୟମ ଯୋଗୁଁ ପ୍ରାୟ ଚାଳିଶ ଶତକଡା ଚାଳିଶ ଭାଗ ଓଡ଼ିଶା, ଜାମ୍ମୁ ଓ କାଶ୍ମୀରରେ ହ୍ରାସ ପାଇଥିବାର ସର୍ବେକ୍ଷଣ ସଂସ୍ଥାରେ କାର୍ଯ୍ୟ କରୁଥିବା ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି । ବିପୁଳ ପରିମାଣର ବ୍ୟବହାର ହେଉଥିବା ମାଦକ ଦ୍ରବ୍ୟକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ୟମ ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି । ଯେଉଁଠି ବିକ୍ରି କରିବା କଥା ନୁହେଁ ସେଠାରେ ବହୁଳ ଭାବରେ ବିକ୍ରି କରାଯାଉଛି । ତେବେ ସେଠାରେ ଅନେକ ସମୟରେ ଚଢାଉ କରାଯିବ ଆବଶ୍ୟକତା ରହିଛି । ଏନେଇ ଅନେକ ବିଭାଗ ସହିତ ମଧ୍ୟ ମିଳିତ ଭବାରେ କାର୍ଯ୍ୟ କରାଯାଉଛି । ଯେପରିକି ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ , ଆଇନ ବିଭାଗ ଏବଂ ଅବକାରୀ ବିଭାଗ ଆଦି ବିଭାଗ ସହିତ ମିଳିତଭାବରେ କାର୍ଯ୍ୟ କରି ସୁସ୍ଥ ସମାଜ ଗଢିବା ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ୟବହାରକାରୀ ନିଜକୁ ଆତ୍ମସମୀକ୍ଷା କରି ସେଥିରୁ ନିବୃତ ହୁଅନ୍ତି ତେବେ ଏକ ଜନ ମଙ୍ଗଳ ରାଷ୍ଟ୍ର ଗଠନ ହୋଇପାରିବ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିଙ୍ଗଦେବୀ ସ୍ନାତକ ମହାବିଦ୍ୟାଳୟ, ନନ୍ଦପୁର, କୋରାପୁଟ
ମୋ : ୯୪୩୭୯୫୫୫୬୮

ଓଡ଼ିଶା ସ୍ୱାସ୍ଥ୍ୟ ସେବାରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା

॥ ଶାରଦା ପ୍ରସନ୍ନ ବେହେରା ॥

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଲା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛି । ସରକାର ଗ୍ରାମାଂଚଳ ଠାରୁ ସହରାଂଚଳ, ଶିଶୁଭବନ ଠାରୁ ବଡଡାକ୍ତରଖାନା ସବୁଠି ପର୍ଯ୍ୟାପ୍ତ ପରିମାଣର ମାଗଣା ନିଦାନ ବ୍ୟବସ୍ଥା, ଡାକ୍ତରୀ ପରାମର୍ଶ ସହ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶା ଆଜି ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ବିକଶିତ ରାଜ୍ୟ ଭାବେ ପରିଚିତ ହୋଇଛି । ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର ପରି ରାଜ୍ୟର ଅନେକ ରୋଗୀ ଆମ ଭୁବନେଶ୍ୱର ସ୍ଥିତ ଏମସ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଶିଶୁ ଭବନ, ବିଭିନ୍ନ ବଡ଼ମେଡ଼ିକାଲ ଉପରେ ନିର୍ଭରଶୀଳ । ଓଡ଼ିଶାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଅତ୍ୟନ୍ତ ଉନ୍ନତ ଓ ଆଧୁନିକ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ । ଚିକିତ୍ସା ବ୍ୟବସ୍ଥା କ୍ଷେତ୍ରରେ ଡାକ୍ତରଙ୍କ ପରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦ୍ୱିତୀୟ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀମାନେ । ଚିକିତ୍ସା ସେବା କ୍ଷେତ୍ରରେ ଡ୍ରେସର ଠାରୁ ସିକ୍ୟୁରିଟି , ନର୍ସ ଠାରୁ ସୁପର ଭାଇଜର ସମସ୍ତଙ୍କ ନିଜ ନିଜ କ୍ଷେତ୍ରରେ ଭୂମିକା ଓ ଦାୟିତ୍ୱ ରହିଛି । ଚିକିତ୍ସା ସେବା କ୍ଷେତ୍ରରେ ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ଫାର୍ମାସୀ ଅଧିକାରୀଙ୍କର । ମୁମୂର୍ଷୁ ହେଉ ବା ସ୍ୱାଭାବିକ, ଗୁରୁତର ଖଣ୍ଡ ବିଖଣ୍ଡିତ ମୃତ ପ୍ରାୟ ବିଷ ଖାଆ ହେଉ ବା ସାପ କାମୁଡ଼ା, ଆସନ୍ନ ପ୍ରସବା ଠାରୁ ଗୁରୁତର ଶିଶୁରୋଗୀ, ବୟସ୍କ ହୁଅନ୍ତୁ ବା ଯେ କେହି ଉଦବେଗଜନକ ହେଉ, ଜଣେ ଫାର୍ମାସିର ଅଧିକାରୀଙ୍କ ଜଟିଳତମ ସମୟକୁ ସାମ୍ନା କରିଥାଏ ।

ଜରୁରୀ ଭାବେ ପଲ୍ସ ଠାରୁ ବିପି ସବୁ କ୍ଷେତ୍ରକୁ ଦେଖି ତାଙ୍କୁ ହିଁ ପ୍ରାଥମିକ ଚିକିତ୍ସା କରିବାକୁ ପଡ଼ିଥାଏ । ଜଣେ ରୋଗୀକୁ ଚିକିତ୍ସା କରିବା ସମୟରେ ପ୍ରଫେସର ହୁଅନ୍ତୁ ବା ସହାୟକ ପ୍ରଫେସର, ସେ ଫାର୍ମାସୀ ଅଧିକାରୀଙ୍କ ସମସ୍ତ ସୂଚନାକୁ ଗ୍ରହଣ କରିଥାନ୍ତି ଓ ରୋଗୀଟିର ଉତ୍ତମ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥାନ୍ତି । ଏହି ସବୁ ଦୁଃଖକୁ ନେଇ ଓଡ଼ିଶା ଫାର୍ମାସୀ ସେବା ସଂଘ ଏସସିବିଏମ୍ ଶାଖା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଏସସିବିଏମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକପତ୍ରରେ ମେଡ଼ିକାଲରେ ଔଷଧ ରକ୍ଷଣାବେକ୍ଷଣ ଓ ସମସ୍ତ ବିଭାଗ ତଥା ଜରୁରୀ ବିଭାଗକୁ ସୁବଂଟନ କରି ଗୁରୁ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀମାନେ । ଏହା ସହିତ କେନ୍ଦ୍ରୀୟ ଔଷଧାଗାରରେ ଔଷଧର ସଂରକ୍ଷଣ, ମହଜୁଦ, ପରିଚାଳନା, ସମସ୍ତ ବିଭାଗକୁ ନିୟମିତ ବଂଟନ ସହିତ ନିରାମୟ କେନ୍ଦ୍ର ମାନଙ୍କରେ ରୋଗୀ ମାନଙ୍କୁ ଔଷଧ ସୁବିତରଣ ସହିତ ଏହାର ପାର୍ଶ୍ୱପ୍ରତିକ୍ରିୟା ଜନିତ ତଥ୍ୟ ଓ ଔଷଧ ସେବନର ପ୍ରଣାଳୀ ବତାଇ ସଚେତନ କରିଥାନ୍ତି । ସେହିପରି ଅସ୍ତ୍ରୋପଚାର ଗୃହ, ଟିକାକରଣ କେନ୍ଦ୍ର, ରକ୍ତ ଭଣ୍ଡାର, ଗୁରୁତ୍ୱପୂର୍ଣ୍ଣ ଆଇସିୟୁ, ୱାର୍ଡ ଓ ଜରୁରୀକାଳୀନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଔଷଧର ସୁପରିଚାଳନା ପରି ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅନବରତ ନିର୍ବାହ କରନ୍ତି । ତେବେ ଏ ସବୁ ସତ୍ୱେ ଓଡ଼ିଶାର ଫାର୍ମାସୀ ଅଧିକାରୀମାନେ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ ଗ୍ରେଡ଼ ପାଉଛନ୍ତି ତେଣୁ ଓଏସଆରଏପ ଦୁଇହଜାର ସତର ପେ ବ୍ୟାଣ୍ଡ ଅନୁସାରେ ଦରମା ପୁର୍ନବିନ୍ୟାସ କରିବା ପାଇଁ ସରକାରଙ୍କ ନିକଟରେ ଦାବୀ ଜଣାଇ ସ୍ମାରକପତ୍ର ଓପିଏସଏ ଏସସିବିଏମସିଏଚ୍ ଶାଖାର ସଭାପତି ରାଧାମୋହନ ଚୌଧୁରୀ, ସମ୍ପାଦକ ପ୍ରକାଶ ପ୍ରଧାନ, ରାଜ୍ୟସଂଘର ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ଶାରଦା ପ୍ରସନ୍ନ ବେହେରା, ଦିଲ୍ଲୀପ କୁମାର ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ସାହରାଜ ରାଉଳ, ବିଶ୍ୱଜିତ ସାମଲ, ରାକେଶ ଆଚାର୍ଯ୍ୟ, ସ୍ନିଗ୍ଧାଶ୍ରୀ ବାରିକ, ଝରାଣି ତନୟା ଷଡ଼ଙ୍ଗୀ, ରାଜଶ୍ରୀ ନନ୍ଦିନୀ ସାହୁ, ସାଗରିକା ରଥ, ଇତିଶ୍ରୀ ପ୍ରଧାନ ପ୍ରମୁଖ ପ୍ରଦାନ କରିଥିଲେ । ଆଜି ବି ରାଜ୍ୟର ଅନେକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲିଥିବାରୁ ଫାର୍ମାସୀ ଅଧିକାରୀ ସେବା ନିର୍ବାହ କରୁଛନ୍ତି ।

ରାଜ୍ୟର ଉପାନ୍ତ ଓ ଅନୁନ୍ନତ ଡାକ୍ତରଖାନାରେ ଚିକିତ୍ସା ସେବାରେ ପ୍ରମୁଖ ଓ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀ । ଜଣେ ଫାର୍ମାସୀ ଅଧିକାରୀ ପଲ୍ସ ବିପି ଦେଖିବାଠାରୁ ଛୋଟ ମୋଟର ସର୍ଜରୀ କରିଥାନ୍ତି । ଗୁରୁତ୍ୱପୂର୍ଣ୍ଣ ଟୀକା ଦେଇଥାନ୍ତି, ସନ୍ତାନଟି ଭୂମିଷ୍ଠ ହେବା ଠାରୁ ବିଷ ଖିଆ ଓ ସାପ କାମୁଡ଼ା ରୋଗୀଙ୍କ ଠାରୁ ସେ ଜଣେ ଦେବଦୂତଙ୍କ ପରି ସେବା ନିର୍ବାହ କରିଥାନ୍ତି । ନିଜ ଚାକିରୀ ସମୟ ବ୍ୟତୀତ ଅଧିକ ସମୟ ଦେବାକୁ ପଡ଼ିଥାଏ । କେଉଁଠି କ୍ୱାଟର ମିଳିନଥାଏ ତ କେଉଁଠି ଗୁରୁତର ଆହାତ ରୋଗୀଙ୍କ ନିକଟତମ ଲୋକମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥାଏ । ଏକ ପ୍ରକାର ଦିନ ରାତି ଏକ କରି ଏହି ଫାର୍ମାସୀ ଅଧିକାରୀ ମାନେ ରାଜ୍ୟ ସ୍ୱାସ୍ଥ ବ୍ୟବସ୍ଥାର ବଡ଼ ବୋଝ ନିଜ ପିଠିକୁ ନେଇଥାନ୍ତି । କିନ୍ତୁ ଏମାନଙ୍କ ବଡ଼ ଦୁଃଖ, ଅଭିଯୋଗ ସମସ୍ତେ ଜାଣି ମଧ୍ୟ ଏକ ପ୍ରକାର ଅଜଣା । ଫାର୍ମାସୀ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ରାଜ୍ୟର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡ଼ିଶାର ପ୍ରଶଂସନୀୟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଏମାନଙ୍କ ନିସ୍ୱାପର, ଉତ୍ସର୍ଗୀକୃତ ଓ ନିଃସ୍ୱାର୍ଥପର ଭୂମିକାକୁ କେହ ଭୁଲି ପାରିବେ କି ?

ଭେଷଜ ତତ୍ତ୍ୱାବଧାରକ, ବଳିପାଳ, ମହାକାଳପଡ଼ା, କେନ୍ଦ୍ରାପଡ଼ା, ଦୂରଭାଷ : ୭୬୫୭୦୭୧୯୬୭

ଜଣା ପଡ଼େ ନାହିଁ ଟାଣେ ପଇସା

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ ॥

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି କାଳି ପେଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲ୍ଡ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ । ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - ("unmasking the appeal - countering nicotine and tabacco addiection') ।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଜାତ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ । ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି । ପ୍ରତିବର୍ଷ ଏହି ତମାଖୁ ରାକ୍ଷସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଂଚଳର ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ମାଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶଙ୍କା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହାଭିତରୁ ନାଇଟ୍ରୋସମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏକ୍‌ସେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଂଟିଅକ୍ସିଡେଂଟ ଏବଂ ଅଧିକ ପୁଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି । ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଅଳିଭ ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଂଚାଇ ପାରିବା ।

ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

ଆରମ୍ଭ
SEITHO ARAMBHA

ରାୟଗଡ଼ାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ

ରାୟଗଡ଼, ୨୯/୦୫(ଆ.ପ୍ର) : ରାୟଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟ ସୁଚାରୁ ଭାବେ କାର୍ଯ୍ୟକରୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣୀ ଏହି ସଂଶୋଧନ ପ୍ରକ୍ରିୟା, ଏହାର ସମୟସୀମା ଓ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆସନ୍ତା ୦୧ ଜୁଲାଇ ୨୦୨୬ କୁ ଯୋଗ୍ୟତା ଅର୍ଜନ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ନୂତନ ଭୋଟରମାନେ ଏହି ସମୟ ମଧ୍ୟରେ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ସେ କହିଥିଲେ । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଗତ ମେ ୨୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରାଥମିକ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଂଟିଂ କାର୍ଯ୍ୟ ମେ ୨୯ ତାରିଖରେ ଶେଷ ହେଉଛି । ଏହାପରେ ଆସନ୍ତା ମେ ୩୦ ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟର ସତ୍ୟାପନ କାର୍ଯ୍ୟ କରିବେ । ଏହି ସମୟ ମଧ୍ୟରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତକରଣ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ । ସେହିପରି ଆସନ୍ତା ଜୁଲାଇ ୫ ତାରିଖରେ ରାୟଗଡ଼ା ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସାଧାରଣ ଜନତା ନୂତନ ନାମ ପଞ୍ଜୀକରଣ, ସଂଶୋଧନ ଓ ଆପତି ସମ୍ବନ୍ଧୀୟ ଦାବି ଦାଖଲ କରିପାରିବେ । ଏହି ସମସ୍ତ ଦାବି ଓ ଆପତିର ଯାଂଚ ଓ ନୋଟିସ୍ ପ୍ରକ୍ରିୟା ଜୁଲାଇ ୫ ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଚାଲିବ । ପରେ ସମସ୍ତ ଆପତିର ସମାଧାନ କରାଯାଇ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ନିମନ୍ତେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ପାଇଁ ଏକ ଆଦର୍ଶ ପରିଚାଳନା ପଦ୍ଧତି ମଧ୍ୟ ଜାରି କରାଯାଇଛି । ଏହାଅନୁଯାୟୀ ଉକ୍ତ ମାନେ ନିଜ ଅଂଚଳର ପ୍ରତ୍ୟେକ ପରିବାରକୁ ଯାଇ ଭୋଟର ତାଲିକାର ଭୌତିକ ସତ୍ୟାପନ କରିବେ । ତାଲିକାରେ ଥିବା ଅନୁପସ୍ଥିତ (ଇରଷ୍ଟରଭଷ), ସ୍ଥାନାନ୍ତରିତ ଓ ମୃତ ଭୋଟରଙ୍କୁ ଚିହ୍ନଟ କରି ପୃଥକ ତାଲିକା ପ୍ରସ୍ତୁତ କରାଯିବ । ସେହିପରି ନୂତନ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍ ପାଇଁ ଫର୍ମ-୭ ଏବଂ ସଂଶୋଧନ ପାଇଁ ଫର୍ମ-୮ ବଂଟନ ଓ ସଂଗ୍ରହ କରାଯିବ । ମତଦାନ କେନ୍ଦ୍ରଗୁଡ଼ିକର ସୁବିଧା, ଦୂରତା ଓ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ପହଂଚଗମ୍ୟତାକୁ ମଧ୍ୟ BLO ମାନେ ଯାଂଚ କରିବେ । ଏହାଦ୍ୱାରା ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ ଓ ଅନ୍ତର୍ଭୁକ୍ତିମୂଳକ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ କୁଲକର୍ଣ୍ଣୀ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ଯେ, ସେମାନେ ଉକ୍ତ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଜୁଲାଇ ୫ ତାରିଖରେ ପ୍ରକାଶ ପାଇବାକୁ ଥିବା ଚିଠା ଭୋଟର ତାଲିକାକୁ ଯାଂଚ କରି ନିଜର ଗଣତାନ୍ତ୍ରିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଡେପୁଟି କଲେକ୍ଟର (ନିର୍ବାଚନ) ମାନୁଏଲା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ ।

କାଳବୈଶାଖୀ ତାଣ୍ଡବ, ପ୍ରବଳ ବର୍ଷା ବିଜୁଳି ଓ ପବନ ବ୍ୟାପକ କ୍ଷୟକ୍ଷତିର ଆଶଙ୍କା

ଧାମନଗର, ୨୯/୦୫(ଆ.ପ୍ର) : ଧାମନଗର ଅଂଚଳରେ ଭୟଙ୍କର କାଳବୈଶାଖୀ ତାଣ୍ଡବ:ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି, ଭୟଙ୍କର ରୂପ ଧାରଣ କଲା ପବନ ବ୍ୟାପକ କ୍ଷୟକ୍ଷତି ପରିଲକ୍ଷିତ ହୋଇଛି । ଅପରାହ୍ନ ୪ଟା ରୁ ଦୀର୍ଘ ଦୁଇ ଘଂଟା ଧରି ଲାଗି ରହିଥିଲା ତାଣ୍ଡବ । ପବନ ଯୋଗୁଁ କେଉଁଠି ଗଛ ପଡି ଯାନବାହନ ଚଳାଚଳ ବନ୍ଦ ହୋଇଥିବା ବେଳେ ବିଦ୍ୟୁତ ଖୁଂଟ ସହିତ ତାର ଛିଡି ବହୁ କ୍ଷୟକ୍ଷତି ହୋଇଛି । ଧାମନଗର-କୋଠାର ମୁଖ୍ୟ ରାସ୍ତା ଉପରେ ବିରାଟ ବଡ଼ ଗଛ ପଡି କିଛି ସମୟ ପାଇଁ ରାସ୍ତାରେ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଅଗ୍ନି ଶମ ବିଭାଗ ଉକ୍ତ ସ୍ଥାନରେ ପହଂଚି ଗଛକୁ କାଟିବାରୁ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏପଟେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କଲେ ମଧ୍ୟ ବିଦ୍ୟୁତ ସଂଯୋଗରେ ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି । ବର୍ଷା ପବନ ଯୋଗୁଁ ପନିପରିବା ଫସଲ ନଷ୍ଟ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି ବୋଲି ଚାଷୀ ମାନଙ୍କ ମଧ୍ୟରେ ଚିନ୍ତା ଓ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଧାମନଗର ସହରାଂଚଳରେ ଦୋକାନ ବଜାର ବନ୍ଦ ସାଙ୍ଗକୁ ରାସ୍ତାଘାଟ ଶୂନ ଶାନ ଦେଖିବାକୁ ମିଳିଥିଲା । ତକିଆ ଅଂଚଳରେ ଛପର ଘରକୁ ପବନ ଉଡାଇ ନେଇଥିବା ବେଳେ କେତେକ ଘର ଭାଙ୍ଗିଥିବା ସୂଚନା ମିଳିଛି । ଉକ୍ତ ଅଂଚଳର ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଉଛି ।

ନୂଆପଡ଼ାରେ ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଯୁବଶକ୍ତିକୁ କ୍ରୀଡ଼ା ମାଧ୍ୟମରେ ସଶକ୍ତ କରିବା ଆବଶ୍ୟକ : ଜିଲ୍ଲାପାଳ

ନୂଆପଡ଼ା, ୨୯/୦୫(ଆ.ପ୍ର) : ସିଏମ୍ ଟ୍ରଫି-୨୦୨୬ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍‌ର ସମାପନ ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ନିଜ ବକ୍ତବ୍ୟରେ ଜିଲ୍ଲାପାଳ କହିଥିଲେ ଯେ, ବର୍ତ୍ତମାନର କର୍ମଚଂଚଳ ଓ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଯଦି ପ୍ରତିଦିନ କିଛି ସମୟ ନିଜ ସ୍ୱାସ୍ଥ୍ୟ ଓ ଶାରୀରିକ ବ୍ୟାୟାମ ପାଇଁ ବ୍ୟୟ କରିବା, ତେବେ ଭବିଷ୍ୟତରେ ଅନେକ ରୋଗବ୍ୟାଧିରୁ ଦୂରେଇ ରହିପାରିବା । ଯୁବାବସ୍ଥା ଜୀବନର ଏକ ମୂଲ୍ୟବାନ ସମୟ ହୋଇଥିବାରୁ ଏହାକୁ କ୍ରୀଡ଼ା କ୍ଷେତ୍ରରେ ସଦୁପଯୋଗ କରି ଯୁବପିଢ଼ି ନିଜକୁ ଜଣେ ସଫଳ କ୍ରୀଡ଼ାବିତ ଭାବେ ଗଢ଼ି ତୋଳିପାରିବେ । ସେ ସମସ୍ତ ପ୍ରତିଯୋଗୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଜୋନାଲ୍ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାରେ ୧୭ଟି କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯାଇ ଏକ ଉଦାହରଣ ସୃଷ୍ଟି କରାଯାଇଛି । ଖେଳ ଶିକ୍ଷକ ଓ ବରିଷ୍ଠ ଖେଳାଳିମାନଙ୍କର ନିଷ୍ଠା, କଠିନ ପରିଶ୍ରମ ଏବଂ ସହଯୋଗ ଯୋଗୁଁ ଏହି ଚାମ୍ପିୟନଶିପ୍ ସଫଳତାର ସହ ସମାପନ ହୋଇପାରିଛି । ବାଳକ ବିଭାଗରେ ୭ଟି ଏବଂ ବାଳିକା ବିଭାଗରେ ୬ଟି ଦଳ ଅନଲାଇନ୍ ପଞ୍ଜୀକରଣ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ସେ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଥିଲେ । ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ନିର୍ଦ୍ଦେଶାନୁସାରେ ଲିଗ୍ ପ୍ରଣାଳୀରେ ଏହି ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା । ବାଳକ ବିଭାଗରେ ବାଙ୍କିବାହାଲ ଏଫ୍‌ସି ଦଳ ଚାମ୍ପିୟନ୍ ହୋଇଥିବା ବେଳେ ପତାବଗଙ୍ଗା ଏଫ୍‌ସି ଦଳ ରନର୍ସଅପ୍ ସ୍ଥାନ ଅଧିକାର କରିଥିଲା । ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ବାଙ୍କିବାହାଲ ଫୁଟବଲ୍ ଦଳ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ନୂଆପଡ଼ା ଏଫ୍‌ସି ଦଳ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିଲା । ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଦ୍ୱାରା ପ୍ରେରିତ ଅଭିଜ୍ଞ ରେଫରୀ ଓ ଖେଳ ପରିଚାଳକମାନଙ୍କ ଦ୍ୱାରା ସୁଚାରୁ ରୂପେ ପରିଚାଳିତ ହୋଇଥିଲା । ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଉପସ୍ଥିତ ସମସ୍ତ ଖେଳାଳି, ଅଭିଭାବକ, ଖେଳ ଆୟୋଜକ, ଦର୍ଶକ, ପ୍ରେସ ଓ ଇଲେକ୍ଟ୍ରୋନିକ୍ ମିଡିଆ ପ୍ରତିନିଧି, ରେଫରୀ ଏବଂ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀଙ୍କ ଦେହାନ୍ତ

ନୀଳଗିରି, ୨୯/୦୫(ଆ.ପ୍ର) : ନୀଳଗିରି ଉପଖଣ୍ଡ କାଂଶ ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ସମାଜ ସେବୀ ଉମାକାନ୍ତ ଦାସ ଙ୍କ (୮୧) ବର୍ଷରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ମିଷ୍ଟଭାଷୀ ମେଳାପି ପରୋପକାରୀ ବ୍ୟକ୍ତି ଭାବେ ଅଂଚଳରେ ବେଶ୍ ଜଣାଶୁଣା ଥିଲେ । ଦୀର୍ଘ ଦିନ ଧରି ସେ କିଡନି ରୋଗରେ ପୀଡ଼ିତ ଥିବା ଅବସ୍ଥା ରେ ବୁଧବାର ଦିନ ତାଙ୍କର ଦେହାନ୍ତ ହୋଇଥିଲା ।

ଭଦ୍ରକରେ ଏନସିସି କ୍ୟାମ୍ପ ଚାଲିଛି ଓଡିଶାର ଛଅଶହ କ୍ୟାଡେଟ୍ ଅଂଶଗ୍ରହଣ

ଭଦ୍ରକ, ୨୯/୦୫(ଆ.ପ୍ର) : ୭ ଓଡିଶା ବାଟାଲିୟନ୍ ଏନସିସି, ଭଦ୍ରକ ଦ୍ୱାରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ / ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତିହିଡି, ଭଦ୍ରକଠାରେ ୨୪ ମେ ରୁ ୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ୧୦ ଦିନିଆ ମିଳିତ ବାର୍ଷିକ ତାଲିମ୍ ଶିବିର ଆୟୋଜନ କରାଯାଉଛି । ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୬୦୦ ଜଣ କ୍ୟାଡେଟ୍ ଏହି ଶିବିରରେ ଅଂଶଗ୍ରହଣ କରୁଛନ୍ତି । ଶିବିର କମାଣ୍ଡାଂଟ ଲେଫ୍ଟନାଂଟ କର୍ଣ୍ଣେଲ ଏସଏସ ରଘୁବଂଶୀଙ୍କ ତତ୍ତ୍ୱାବଧାନରେ ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ଓ ଚରିତ୍ର ଗଠନ ପାଇଁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ତାଲିମ, ମ୍ୟାପ୍ ରିଡିଂ, ଫିଲ୍ଡ କ୍ରାଫ୍ଟ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଦିଆଯାଉଛି । ଶିବିରରେ ବୃକ୍ଷରୋପଣ ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଭଳି ସାମାଜିକ ସେବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । କ୍ୟାଡେଟମାନଙ୍କ ମଧ୍ୟରେ ଏକତା ଓ ଭାବନା ବୃଦ୍ଧି ପାଇଁ ଡ୍ରିଲ୍, ଫାୟାରିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତଃ-କମ୍ପାନୀ ପ୍ରତିଯୋଗିତା ଆୟୋଜନ କରାଯାଉଛି । ଲେଫ୍ଟନାଂଟ କର୍ଣ୍ଣେଲ ଏସଏସ ରଘୁବଂଶୀ କହିଛନ୍ତି ଯେ ଏନସିସିର 'ଏକତା ଓ ଅନୁଶାସନ' ମୂଳମନ୍ତ୍ର ଅନୁଯାୟୀ ଯୁବ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଦିଗରେ ପରିଚାଳିତ କରିବା ଏହି ଶିବିରର ଲକ୍ଷ୍ୟ । ଶିବିର ୨ ଜୁନ୍ ୨୦୨୬ରେ ସମାପ୍ତ ହେବ ।

ଟିକାବାଲି କଲେଜର ଇଂରାଜୀ ଅଧାପକଙ୍କ ଅବସର କାଳୀନବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଟିକାବାଲି, ୨୯/୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମ୍‌ସିଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ରଥଙ୍କ ସଭାପତିତ୍ୱରେ ଅବସର ନେଉଥିବା ଅଧାପକ ନରେନ୍ଦ୍ର ଦିଗାଲଙ୍କ ଇଂରାଜୀ ବିଭାଗର ଛାତ୍ର ଛାତ୍ରୀ ହୃଦୟରେ ସବୁ ଦୁଃଖକୁ ଜାବୁଡି ଧରି ଅତୀତରେ ଦିଗାଲ ସାର୍‌ଙ୍କ ସହ ଘଟିଥିବା କିଛି ସ୍ମୃତିକୁ ମନେପକାଇ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ନରେନ୍ଦ୍ର ସାର୍‌ଙ୍କ କଲେଜ ପ୍ରତି ଯେଉଁ ତ୍ୟାଗ, ତପସ୍ୟା ଓ ବଳିଦାନ ସେ ଅବସର ନେଲାପରେ କେହି ପୂରଣ କରିପାରିବେ ନାହିଁ । ଅଧାପକ ବନମାଳୀ ବେହେରା, ବିରୂପାକ୍ଷ ତ୍ରିପାଠୀ, ଶଙ୍କର ପାଢ଼ୀ, ଅଭୟ ପ୍ରଧାନ, ସୂରଜ ସାମଲ ମଂଚାସୀନ ରହି ଦିଗାଲ ସାର୍‌ଙ୍କ ଜୀବନ ଶୈଳୀ, ଶିକ୍ଷାଦାନ କଲେଜ ପ୍ରତି ଅବଦାନ ବିଷୟରେ ବକ୍ତବ୍ୟ ରଖିଥିଲେ । ବିଭାଗର ଅଧାପକ ଜ୍ଞାନରଞ୍ଜନ ଭୋଇ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀ କିଛି ଉପହାର ଦେଇ ସମ୍ବର୍ଦ୍ଧନା ଦେଇଥିଲେ ।

ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଡିପୋଜିଟର ଏଜୁକେସନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଏରସମା, ୨୯/୦୫(ଆ.ପ୍ର) : ଆର୍ଥିକ ସଚେତନତା ଦିଗରେ ଦୀର୍ଘ ଦିନ ହେବ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଥିବା ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଡିପୋଜିଟର ଏଜୁକେସନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମକରଧ୍ୱଜ ଶିଳ୍ପ ତାଲିମ ଅନୁଷ୍ଠାନ ଠାରେ ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏରସମା ବ୍ଲକ୍ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ମହାପାତ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବକ୍ତା ଭାବରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ବ୍ରଜ କିଶୋର ନାୟକ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଆଂଚଳିକ ମୁଖ୍ୟ ସୂର୍ଯ୍ୟପ୍ରସାଦ ରଥ ଉପସ୍ଥିତ ରହି, ଆର୍ଥିକ ସଚେତନତା, ବ୍ୟାଙ୍କ ବ୍ୟବସ୍ଥା, ଜମା, ଋଣ, କେୱାଇସି, ସାଇବର ଫ୍ରଡ ଇତ୍ୟାଦି ଉପରେ ଲୋକମାନଙ୍କୁ ବୁଝାଇଥିଲେ । ଉପସ୍ଥିତ ଥିବା ମଦର ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଥିଲେ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଲୋକମାନଙ୍କ ଆର୍ଥିକ କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ଏବଂ ଏହାର ସୁଯୋଗ ନେବାକୁ ସେ ଆହ୍ୱାନ କରିଥିଲେ । ଏରସମା ସିଏଫ୍‌ଏଲ୍ କେନ୍ଦ୍ରର କୋର୍ଡିନେଟର ନିଶାକର ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଏରସମା ବ୍ଲକର ଅଧକ୍ଷା,ସ୍ଥାନୀୟ ପଂଚାୟତ ସମିତିର ସଭ୍ୟ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିବା ବେଳେ ଜିଲ୍ଲାରେ ଥିବା ତିନିଗୋଟି ସିଏଫଏଲ୍ କେନ୍ଦ୍ରର କାଉନସେଲର ଓ କୋର୍ଡିନେଟର ମାନେ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ପରିଚାଳନା କରିଥିଲେ ।

ପ୍ରଚଣ୍ଡ ରୌଦ୍ରତାପରେ ଦହି ପଣା ବଂଟନ

ପାରଳାଖେମୁଣ୍ଡି, ୨୯/୦୫(ଆ.ପ୍ର) : ପ୍ରବଳ ରୌଦ୍ରତାପ ଯୋଗୁଁ ପାଣି ପାଇଁ ସମସ୍ତ ପଥଚାରୀ ବହଳ ବିକଳ ହେଉଥିବା ବେଳେ ସମସ୍ତଙ୍କ ଦୁଃଖ କିଛିମାତ୍ରାରେ ଲାଘବ କରିବା ପାଇଁ ନିଷ୍ପତି ନେଇଥିଲେ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁମାର ରେଡ୍ଡୀ ଓ ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାତ୍ରୀ । ଗତ ସପ୍ତାହରେ ପାରଳାଖେମୁଣ୍ଡିସ୍ଥିତ ସେଂଚୁରୀୟନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ପଥଚାରୀଙ୍କୁ ଦହିପାଣି ବଂଟନ କରିବା ପରେ ଆଜି ସେହି କ୍ରମରେ ପାରଳାଖେମୁଣ୍ଡିର ଯୁବ ବର୍ଗଙ୍କୁ ଏକତ୍ରିତ କରି ଫରେଷ୍ଟ ଗେଟ ନିକଟରେ ଏକ ବିଶାଳ ଦହିପଣା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜିଲ୍ଲା ବନ ଅଧିକାରୀ କେ. ନାଗରାଜୁ , ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଯୋଗ ଦେଇ ପଥଚାରୀଙ୍କୁ ଦହିପଣା ବଂଟନ କରିବା ସହ ସମସ୍ତ ବଂଟନ କାର୍ଯ୍ୟ ଶେଷ ପରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ ଓ ଆଜିର ଏହି ସେବା କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ବିଶେଷ ଭାବେ ଏହି ପଣା ବଂଟନ ସମୟରେ କୁନି କୁନି ପିଲାଙ୍କ ଦ୍ୱାରା ପଥଚାରୀଙ୍କୁ ପଣା ବଂଟନ କରିବା ସମସ୍ତଙ୍କ ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରେରିତ କରିବା ସହ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଟି.ଶ୍ରୀକାନ୍ତ, ବସନ୍ତ ନାଇଡୁ, ପ୍ରଶାନ୍ତ ପ୍ରଧାନ, ଜେ ବୈକୁଣ୍ଠ ରାଓ, ଏ ରବି, ବିକ୍ରମ ନାଇଡୁ ଓ ପି. ସନ୍ତୋଷ ଓ ସହଯୋଗୀମାନଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିଲା । ସେହିପରି ପରେ ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ଲୋକନାଥ ମିଶ୍ର, କୈଳାଶ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ଯଥାସମ୍ଭବ ସହଯୋଗର ହାତ ବଢାଇଥିଲେ ଓ ଶ୍ରୀ ରେଡ୍ଡୀଙ୍କର ଏହି କାର୍ଯ୍ୟକୁ ବିଶେଷ ପ୍ରଶଂସା କରିଥିଲେ ।

ଶିକ୍ଷକ ସଂଗଠକ ଶରତ କୁମାର ମହାନ୍ତଙ୍କ ବିୟୋଗରେ ଶୋକସଭା

ବାରିପଦା, ୨୯/୦୫(ଆ.ପ୍ର) : କୁଡୁମୀ ଶିକ୍ଷକ ମଂଚ, ଓଡିଶା ତରଫରୁ ଲୋକପ୍ରିୟ ଶିକ୍ଷକ ନେତା ତଥା ସମାଜସେବୀ ଶରତ କୁମାର ମହାନ୍ତଙ୍କ ବିୟୋଗରେ ଏକ ଶୋକସଭା ଏଇଟି କ୍ଲବସେଷ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ରାଜ୍ୟ ସଭାପତି ଶିଉଲାଲ ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ଉପସଭାପତି ରାଜକିଶୋର ମହାନ୍ତ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଓ ଜିଲ୍ଲା ସଭାପତି ଲକ୍ଷ୍ମୀଧର ମହାନ୍ତ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ବାପି କୁମାର ମହାନ୍ତ, ରାଜ୍ୟ ସଂପାଦକ କେଶବ ମହାନ୍ତ, କୁଡୁମୀ ସେନାର ଜିଲ୍ଲା ସଭାପତି ଡମ୍ବରୁଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଅଧାପକ ଯୋଗେଶ୍ୱର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ ଓ ଅଧାପକ ଭୁବନ କୁମାର ମହାନ୍ତଙ୍କ ସହିତ ସମାଜସେବୀ ଓ ଅନେକ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ ସ୍ୱର୍ଗତ ଶରତ କୁମାର ମହାନ୍ତ ଏକକାଳୀନ ୩ଟି ଶିକ୍ଷକ ସଂଘର ନେତୃତ୍ୱ ନେଇଥିଲେ । ସେ ବେତନଟୀ ପ୍ରାଥମିକ ଶିକ୍ଷକ ସଂଘର ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଓ କୁଡୁମୀ ଶିକ୍ଷକ ମଂଚର ରାଜ୍ୟ ସଂପାଦକ ପଦବୀରେ ଅବସ୍ଥାପିତ ଥିଲେ ।

ପ୍ରହ୍ଲାଦ ସହାୟ ମୀନା ଗଜପତିର ଆରକ୍ଷୀ ଅଧୀକ୍ଷକ ଭାବେ ଦାୟୀତ୍ୱ ନେଲେ

ପାରଳାଖେମୁଣ୍ଡି, ୨୯/୦୫(ଆ.ପ୍ର) : ପ୍ରହ୍ଲାଦ ସହାୟ ମୀନା ଆଇପିଏସ ଗଜପତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ ଦାୟୀତ୍ୱ ନେଲେ । ମାର୍ଚ୍ଚ ୩୧ ତାରିଖରେ ଯତୀନ୍ଦ୍ର କୁମାର ପଣ୍ଡା ଅବସର ନେଲା ପରେ ସାମୟିକ ଭାବେ ସୁନୀଲକାନ୍ତ ମହାନ୍ତି ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଓ ପରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ଶ୍ରବଣ ବିବେକ ଏମ୍ ଆରକ୍ଷୀ ଅଧୀକ୍ଷକ ହିସାବରେ ଗଜପତି ଜିଲ୍ଲାର ଦାୟୀତ୍ୱ ତୁଲାଉଥିଲେ । ବରଗଡର ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କୁ ଗଜପତି ଜିଲ୍ଲା ବଦଳି ହୋଇଥିଲା । ଦାୟୀତ୍ୱ ନେଲା ପରେ ସେ କହିଛନ୍ତି ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ । ଜିଲ୍ଲାର ସମସ୍ତ ପୋଲିସ ବିଭାଗର କର୍ମକର୍ତ୍ତା ନୂଆ ଅଧୀକ୍ଷକଙ୍କୁ ସ୍ୱାଗତ କରିଥିଲେ ।

ଆରମ୍ଭ

SEITHO ARAMBHA

ଶନିବାର, ୩୦ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବରିଷ୍ଠ ନାଗରିକ ସଂଘର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଟାଙ୍ଗୀ-ଚୌଦ୍ୱାର, ୨୯/୦୫(ଆ.ପ୍ର) : ଜଗତପୁରସ୍ଥିତ ନୂତନ ଶିକ୍ଷାଂଚଳ ଓଡ଼ିଶା ଶିକ୍ଷ ମହାସଂଘ ସଭାଗୃହରେ ବରିଷ୍ଠ ନାଗରିକ ସଂଘ ୯ମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଙ୍ଘ ସଭାପତି ଦୁର୍ଯ୍ୟୋଧନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲାପାଳ ଦତାତ୍ରେୟ ଭାଉ ସାହେବ ସିନ୍ଦେ ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ଦେଶର ଅମୂଲ୍ୟ ସମ୍ପଦ ଅଟନ୍ତି, ସେମାନଙ୍କର ଅଭିଜ୍ଞତା ଏବଂ ଅନୁଭୂତି ଆଗାମୀ ପିଢ଼ି କୁ ପଥ ଦେଖାଇବାରେ ସହାୟକ ହେବ, ଏଥିସହିତ ବରିଷ୍ଠ ନାଗରିକ ମାନଙ୍କ ସୁବିଧା ପାଇଁ ସରକାରଙ୍କ ତରଫରୁ ବହୁ ଯୋଜନା ରହିଛି ବୋଲି କହିଥିଲେ । ଉତ୍ସବରେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ଅଧିକାର ଏବଂ ସେମାନଙ୍କ ପାଇଁ ଥିବା ଆଇନ ଗତ ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଓଡ଼ିଶା ଶିକ୍ଷ ମହାସଂଘର ସଭାପତି ଡ଼ଃ ଶରତ କୁମାର ସାହୁ ଏବଂ ଟେଟ୍ରା ହେଡେନ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ.ତ୍ରିବେଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଂଘକୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନଙ୍କୁ ଅଭିନନ୍ଦନ ବାର୍ତା ଜଣାଇବା ସହ ସେମାନଙ୍କର ଦାବୀ ଗୁଡ଼ିକ କିପରି ପୂରଣ କରାଯିବ ସେଥିପାଇଁ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନାଗରିକ ସଂଘର ମୁଖପତ୍ର 'ଦ୍ୱିତୀୟାର୍ଦ୍ଧ'ର ୪ର୍ଥ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ସଂଘ ସମ୍ପାଦକ ବ୍ରଜବନ୍ଧୁ ପୃଷ୍ଟି ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ଶରତ ଚନ୍ଦ୍ର ମିଶ୍ର ଶ୍ଳୋକ ପାଠ କରିଥିଲେ । କୋଷାଧକ୍ଷ ରତନ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟ ନିର୍ବାହୀ ସଦସ୍ୟ ସୌଭାଗ୍ୟ କେତନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସମ୍ପାଦକ କବି ମନୋରଞ୍ଜନ ପଣ୍ଡା ମଂଚ ସଂଯୋଜନା କରିଥିଲେ ।

ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳଙ୍କ ପ୍ରେସ ସୂଚନା

ନବରଙ୍ଗପୁର, ୨୯/୦୫(ଆ.ପ୍ର) : ଆଜି ଅଶୋକ ମେହେଟା ସମ୍ମିଳନୀ କକ୍ଷ ,ନବରଙ୍ଗପୁରଠାରେ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଡ. ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଫଓଇଧ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଜିଲ୍ଲାପାଳ ସାମ୍ବାଦିକ ସମ୍ମିଳନୀ ରେ ଭାରତିୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ମତଦାତା ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଜିଲ୍ଲାରେ ଆରମ୍ଭ ହୋଇଛି ବୋଲି କହିଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକଙ୍କ ନାମ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟଙ୍କ ନାମ ବାଦ ଦେବା ଏବଂ ତାଲିକାକୁ ସଠିକ୍, ଅଦ୍ୟତନ, ସମ୍ପୂର୍ଣ୍ଣ ଓ ତ୍ରୁଟିମୁକ୍ତ କରିବା ବୋଲି ସୂଚନା ଦେଇଛନ୍ତି । ଜିଲ୍ଲାର ସମସ୍ତ ବ୍ଲକ ଓ ପଂଚାୟତସ୍ତରେ ବୁଥ୍ ସ୍ତରୀୟ ଅଧିକାରୀ ବିଏଲଓମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜ ନାମ, ଠିକଣା ଓ ଅନ୍ୟାନ୍ୟ ତଥ୍ୟ ଯାଂଚ କରି ଆବଶ୍ୟକ ପଡ଼ିଲେ ଫର୍ମ ନଂ. ୬, ୭, ୮ ମାଧ୍ୟମରେ ଆବେଦନ କରିବେ । ସଂଶୋଧନ କାର୍ଯ୍ୟକୁ ସ୍ୱଚ୍ଛ, ନିରପେକ୍ଷ ଓ ସମୟାନୁସାରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପ୍ରତିବଦ୍ଧ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି । ସେ ଜିଲ୍ଲାର ସମସ୍ତ ମତଦାତା, ରାଜନୈତିକ ଦଳ, ଗଣମାଧ୍ୟମ ଓ ନାଗରିକ ସମାଜର ସହଯୋଗ ମଧ୍ୟ କାମନା କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରା ଏକ ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରାଯାଇଥିଲା । ବର୍ତ୍ତମାନ ଜିଲ୍ଲାରେ ୭୩- ଉମରକୋଟ, ୭୪ - ଝରିଗାଁ,୭୫ - ନବରଙ୍ଗପୁର ଏବଂ ୭୬ - ଡାବୁ ଗାଁ ନିର୍ବାଚନ ମଣ୍ଡଳୀ ରେ ମୋଟ ୮,୫୮,୩୪୯ ଜଣ ମତଦାତା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି । ତନ୍ମଧ୍ୟରୁ ପୁରୁଷ ଭୋଟର ୪୨୨୮୧୬, ମହିଳା ଭୋଟର ୪୩୫୪୭୩ ଏବଂ ତୃତୀୟ ଲିଙ୍ଗ ଭୋଟର ୬୦ ଜଣ ଅଟନ୍ତି । ଜିଲାରେ ସମୁଦାୟ ୯୯୪ ଗୋଟି ବୁଥ ସ୍ତରୀୟ ଅଧିକାରୀ ନିୟୋଜିତ ଅଛନ୍ତି । ପ୍ରତ୍ୟେକ ବୁଥ ସ୍ତରୀୟ ଆଲୋଚନା ଅଧିକାରୀ ଙ୍କ ନିକଟରେ ୪ ଜଣ ସେଚ୍ଛାସେବୀ ରହିବେ । ୩୦.୫.୨୦୨୬ ତାରିଖରୁ ଆରମ୍ଭ ହୋଇ ୨୮.୬.୨୦୨୬ ପର୍ଯ୍ୟନ୍ତ ବି ଏଲ ଓ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ଦେବେ ଏବଂ ମତଦାତା ତାହା ପୂରଣ କରି ବି ଏଲ ଓଙ୍କୁ ଫେରସ୍ତ କରିବେ । ଆସନ୍ତା ୫.୭.୨୦୨୬ ରିଖ ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ୫.୭.୨୦୨୬ ରୁ ୪.୮.୨୦୨୬ ରିଖ ମଧ୍ୟରେ ମତଦାତା ନିୟମ ଅନୁଯାୟୀ ଦାବି ଏବଂ ଆପତି ଦାଖଲ କରିପାରିବେ । ସେଭଳି ୫.୭.୨୦୨୬ରୁ ୨.୯.୨୦୨୬ ମଧ୍ୟରେ ନୋଟିସ ଜାରି ଏବଂ ଦାବି ଆପତ୍ତିର ନିଷ୍ପତି କରାଯିବ । ଆସନ୍ତା ୬.୯.୨୦୨୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ମତଦାତା ଅଧିକ ସୂଚନା ପାଇଁ voters.eci.gov.in ପରିଦର୍ଶନ ସହ ECINET ଆପ ବ୍ୟବହାର କରିପାରିବେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଡ଼ ପ୍ରମୋଦ କୁମାର ପୃଷ୍ଟି,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିଟଂଚି ନାରାୟଣ ଦରଖାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକଟର ନିର୍ବାଚନ ବିନୟ ସାହୁ, ପୌର ପରିଷଦର ନିର୍ବାହୀ ଅଧିକାରୀ ଡ଼. ଅଶୋକ କର୍ଣ୍ଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ନିର୍ବାଚନ ଶାଖାର କର୍ମଚାରୀ ଏବଂ ଗଣମାଧ୍ୟମ ଜିଲ୍ଲା ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ନୂଆପଡ଼ାରେ ୨୦୨୬-୨୭ ବର୍ଷ ପାଇଁ ଆଇଏମଏଫଏଲ୍ ଦୋକାନ ବଂଟନ ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ

ନୂଆପଡ଼ା, ୨୯/୦୫(ଆ.ପ୍ର) : ନୂଆପଡ଼ା ଆବକାରୀ ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ଆଇଏମଏଫଏଲ୍ ଦୋକାନଗୁଡ଼ିକର ବଂଟନ ନିମନ୍ତେ ଆଜି ସଭାକକ୍ଷ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଖୋଲା ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି । ଚଳିତ ବର୍ଷ ଜିଲ୍ଲାର ମୋଟ ୯ଟି ଆଇଏମଏଫଏଲ୍ 'ଅଫ' ଦୋକାନ ଯଥା ଖଡ଼ିଆର ରୋଡ୍-୧, ଖଡ଼ିଆର ରୋଡ୍-୨, ବେକଟୁକୁରି, ବୋଡେନ, ଖଡ଼ିଆର, କୋମନା, ଲଖନା, ନୂଆପଡ଼ା ଓ ସିନାପାଲି ଦୋକାନ ପାଇଁ ମୋଟ ୨୮୦ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ନୂଆପଡ଼ା ଦୋକାନ ପାଇଁ ସର୍ବାଧିକ ୧୦୬ଟି ଆବେଦନ ମିଳିଥିବା ବେଳେ ସିନାପାଲି ପାଇଁ ୫୦ଟି, କୋମନା ପାଇଁ ୪୦ଟି ଏବଂ ବୋଡେନ ପାଇଁ ୩୯ଟି ଆବେଦନ ଦାଖଲ ହୋଇଥିଲା । ଲଟେରି ପ୍ରକ୍ରିୟା ୯ଟି ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା । ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା । ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଂଚ ପରେ ଏବଂ ନିର୍ଦ୍ଧାରିତ ଫି ପ୍ରଦାନ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ । ଲଟେରିର ଫଳାଫଳ ଇ-ଆବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି । ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଂଚ (ଉତ୍ତସନ୍ଧାନସଭଣ) ବ୍ୟବସ୍ଥା କରାଯାଇଥିବା ବେଳେ କେବଳ ଆବେଦନକାରୀ ଓ ସେମାନଙ୍କ ଅନୁମୋଦିତ ପ୍ରତିନିଧିଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା । ଆବେଦନକାରୀଙ୍କ ସୁବିଧା ପାଇଁ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଏହାସହ ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା । ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ ଓ ଆବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଆବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଏସ୍‌ଡିପିଓ ଖୀରେଶ୍ୱର ସାହୁ, ଜିଲ୍ଲା ସୂଚନାବିଜ୍ଞାନ ଅଧିକାରୀ ବିନୟ କୁମାର ତିୱାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ଜିଲ୍ଲା ପ୍ରଶାସନ ଏବଂ ଆବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜ୍ୟୋତିକୃଷ୍ଣ ପାତ୍ର ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ୧୮ ତମ ରାଙ୍କ

ବ୍ରହ୍ମପୁର, ୨୯/୦୫(ଆ.ପ୍ର) : ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୧୮ ତମ ରାଙ୍କ ରଖି ସଫଳ ହୋଇଛନ୍ତି ବ୍ରହ୍ମପୁର ନିକଟ ବଡକୁଶସ୍ଥଳୀର ଜ୍ୟୋତିକୃଷ୍ଣ ପାତ୍ର । ଅବସର ସୈନିକ ରାଜେନ୍ଦ୍ର କୁମାର ପାତ୍ର ଓ ଆଡ଼ଭୋକେଟ ନମିତା ପାତ୍ରଙ୍କ ପୁଅ ଜ୍ୟୋତିକୃଷ୍ଣ । ରଙ୍ଗେଇଲୁଣ୍ଡା ବ୍ଲକ ବଡକୁଶସ୍ଥଳୀର ଜ୍ୟୋତି କ୍ରିଷ୍ଣା ପାତ୍ର ଓସିଏସ୍ ପରୀକ୍ଷାରେ ରାଜ୍ୟରେ ୧୮ତମ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି । ସେ ଅଧୁନା ଓଆରଏସ ରେ ଟିଆରଓ ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଏହି ସଫଳତା ଜେଜେ ବାପା ହରି ହର ପାତ୍ର ଜେଜେ ମା' ହେମ ପାତ୍ର ଅଜା ମଧୁ ସୁଦନ ଜେନା ଆଇ ଲକ୍ଷ୍ମୀ ଜେନା ମାମୁ ପୁରଭି ଜେନା ପରିବାର ଓ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ସୃଷ୍ଟି କରିଛି ।

ଦୁଇ ମାସ ହେଲା ଭତା ପାଇବାରୁ ବଂଚିତ ୫୪୧୬ ହିତାଧିକାରୀ

ପାତ୍ରପୁର, ୨୯/୦୫(ଆ.ପ୍ର) : କେନ୍ଦ୍ର ସରକାରଙ୍କ ପେନସନ ଯୋଜନାରେ ରାଜ୍ୟର ବହୁ ହିତାଧିକାରୀ ଦୁଇମାସ ହେଲା ଭତା ପାଉନାହାନ୍ତି । ଏହି ଯୋଜନାରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ୫୪୧୬ ଜଣ ହିତାଧିକାରୀଙ୍କୁ (ଡିବିଟି) ତଥା ବ୍ୟାଙ୍କ ସଂଚୟ ଖାତା ମାଧ୍ୟମରେ ଭତା ପ୍ରଦାନ କରାଯାଉଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଗତ ଦୁଇମାସରୁ ଉର୍ଦ୍ଧ ହେଲା ୫୪୧୬ ଜଣ ହିତାଧିକାରୀ ଭତା ପାଇବାରୁ ବଂଚିତ ହୋଇଥିବା ନେଇ ଅଭିଯୋଗ ଆସିଛି । ଦୁଇମାସ ହେଲା ହିତାଧିକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ଭତା ଟଙ୍କା ଆସୁନି । ଯେଉଁମାନେ ପଂଚାୟତ କାର୍ଯ୍ୟାଳୟକୁ ଯାଇ ଭତା ଆଣୁଛନ୍ତି ସେମାନଙ୍କୁ ନିୟମିତ ଭାବେ ଭତା ମିଳୁଛି । କିନ୍ତୁ ଡିବିଟି ମାଧ୍ୟମରେ ଭତା ପାଉଥିବା ହିତାଧିକାରୀମାନେ ୨ ମାସ ହେଲା ଭତା ନପାଇ ନିରାଶ ହୋଇ ପଡିଛନ୍ତି । ଯେଉଁମାନେ ଭତା ଟଙ୍କା ଉପରେ ନିର୍ଭର କରି ଚଳୁ ଛନ୍ତି ଭତା ଟଙ୍କା ମିଳୁ ନଥିବାରୁ ହିତାଧିକାରୀ ମାନେ ଔଷଧ, ତେଲଲୁଣ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବାରେ ହଇରାଣ ହେଉଛନ୍ତି । ଅନ୍ୟ ପକ୍ଷରେ ୨ ମାସ ହେଲା ଶତାଧିକ ହିତାଧାକାରୀ ମାନଙ୍କୁ ଭତା ମିଳୁନଥିବାରୁ ସେମାନେ ୪୦ ଡିଗ୍ରୀ ଉର୍ଦ୍ଧ୍ୱ ଖରାରେ ବ୍ୟାଙ୍କକୁ ଆସି ସେମାନଙ୍କ ସଂଚୟ ଖାତାରେ ଟଙ୍କା ଆସିନଥିବା ଦେଖି ନିରାଶରେ ଫେରୁଛନ୍ତି । ଟଙ୍କା ଖାତାକୁ ନ ଆସିବାରୁ ତୃଣମୂଳ ସ୍ତରର ଜନ ପ୍ରତିନିଧି ମାନେ ଜନ ଆକ୍ରୋସର ଶିକାର ହେଉଛନ୍ତି । ସରକାର ତୁରନ୍ତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବା ପାଇଁ ଜନ ସାଧାରଣ ରେ ଦାବୀ ହେଉଛି ।

ତ୍ୟାଗ ଓ ବଳିଦାନର ପର୍ବ ଈଦ-ଉଲ-ଯୋହା, ଭଦ୍ରକ ଜିଲାର ୧୪୬ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ

ଭଦ୍ରକ, ୨୯/୦୫(ଆ.ପ୍ର) : ଭଦ୍ରକ ସହରରେ ଇସଲାମ ଧର୍ମୀର ଲୋକେ ଆନନ୍ଦ ଓ ଉତ୍ସାହ ସହ ପାଳନ କରିଛନ୍ତି ଈଦ-ଉଲ-ଯୋହା । ଭଦ୍ରକ ପୁରୁଣା ବଜାର ସ୍ଥିତ ଜାମା ମସଜିଦରେ ସକାଳ ୮ ଟା ୪୫ ମିନିଟ ଓ କୁଆଁସ କଦମ୍ବାବେଡା ସ୍ଥିତ ଈଦଗାହରେ ସକାଳ ୯ ଘଟିକା ସମୟରେ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିମାନେ ନୂଆ ବସ୍ତ୍ର ପରିଧାନ କରି ସମୂହ ନମାଜପାଠ କରିଛନ୍ତି । ଦୁର୍ଗାପୁର, ହଜଦୀର୍ଘି, ଡାଙ୍ଗାମହଲ୍ଲା, କାଜି ମହଲ୍ଲା, ଅଲଲପୁର, ବଡ଼ାସାନ ଶଙ୍କରପୁର, ଛଦ୍ରାକ ମହଲ୍ଲା, ମିର୍ଜାପୁର, ଶେଖସାହି, ମୁଲ୍ଲାସାହି, ସାହାପୁର, ଏଲଖା, ବାଇପାସ, ଚରମ୍ପା ସହ ସହରାଂଚଳରେ ୪୫ ଓ ଗ୍ରାମାଂଚଳରେ ୧୭ ମସଜିଦ ସମେତ ଜିଲ୍ଲାରେ ୧୪୬ ମସଜିଦରେ ସମୂହ ନମାଜ ପାଠ କରାଯାଇଛି । ଜାମା ମସଜିଦରେ ହାଫିଜ୍ ମହମ୍ମଦ ସାଦିକ ହୋସେନ ଓ ଇଦଗାହରେ ହାଫିଜ୍ ଅବଦୁଲ ଦୟାନ ମୁସଲମାନ ଧର୍ମାବଲମ୍ବୀ ମାନଙ୍କୁ ନମାଜପାଠ କରାଇବା ସହ ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ ଦେଇଥିଲେ ଏବଂ ଭଦ୍ରକ ରାଇଚାରା ସହରରେ ନମାଜ ପାଠ ପରେ ଉଭୟ ମୁସଲିମ ଓ ହିନ୍ଦୁ ଭାଇ ପରସ୍ପରକୁ ଆଲିଙ୍ଗନ କରି ଇଦ ମୁବାରକ ଜଣାଇଥିଲେ । ଇସଲାମ ଧର୍ମର ଶେଷ ମାସରେ ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲା ପରେ ଚନ୍ଦ୍ରର ୧୦ ଦିନରେ ଈଦ-ଉଲ-ଯୋହା ପର୍ବ ପାଳନ ହୁଏ । ସମାଜରେ ବାସ୍ତବ ଖୁସି ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ନିମନ୍ତେ ତ୍ୟାଗ ଓ ବଳିଦାନର ଆବଶ୍ୟକତା ରହିଛି । ପ୍ରତ୍ୟେକ ମଣିଷ ସମାଜରେ ଶାନ୍ତି ଓ ଭାତୃତ୍ୱ ଭାବ ପ୍ରତିଷ୍ଠା ପାଇଁ ଆଗଭର ହେବାକୁ ଏହି ପର୍ବ ବାର୍ତା ପ୍ରଦାନ କରିଥାଏ ବୋଲି ଭଦ୍ରକ ମୁସଲିମ ଜମାତର ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ ଏବଂ ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର(ବାବୁ) କହିଛନ୍ତି । ଇଦଗାହଠାରେ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, କୋଷାଧକ୍ଷ ମିର୍ଜା ଏକ୍ରାମ ବେଗ, ଆଇନଜିବି ତାହେର ମହମ୍ମଦ, ଅଖତର ଅଲି ଉପସ୍ଥିତ ଥିଲେ । ଜାମା ମସଜିଦରେ ମସଜିଦର ସମ୍ପାଦକ ଶେଖ ହଫିଜୁଲ୍ଲା, ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜୀ ଶେଖ ଏନାମ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗ ଦେଇ ଶୁଭେଚ୍ଛା ଜଣାଇଥିଲେ । ଭଦ୍ରକ ଜିଲ୍ଲା ଏସପି ମନୋଜ କୁମାର ରାଉତ ଓ ଏଏସପି ଅଂଶୁମାନ ଦ୍ୱିବେଦୀଙ୍କ ତତାବଧାନରେ ପୋଲିସ ଫୋର୍ସ ମୁତୟନ ରହିଥିବା ବେଳେ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।

ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟାକୁ ନେଇ ଅସନ୍ତୋଷ, ଆନ୍ଦୋଳନ ଦାନା ବାନ୍ଧୁଛି

ଖଣ୍ଡପଡ଼ା, ୨୯/୦୫(ଆ.ପ୍ର) : ଖଣ୍ଡପଡା ଅଂଚଳର ବିଭିନ୍ନ ଗ୍ରାମରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟାକୁ ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏପରିକି ବିଦ୍ୟୁତ ବିତରଣ କମ୍ପାନିର ମନମାନୀକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରାଗଲେ ଅଂଚଳବାସୀଙ୍କ ଲୋ-ଭୋଲଟେଜ ସମସ୍ୟା ଅନେକାଂଶରେ ଦୂର ହୋଇ ପାରନ୍ତା ବୋଲି ଜଣାପଡିଛି । ତେଣୁ ଏ ଦିଗରେ ଟିପିସିଓଡିଏଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଂଘାପଡା, ଜିଆଝର, ଗଡିଆସାହି, ବେଣାଗାଡିଆ, ବୋଦସା, ମର୍ଦ୍ଦରାଜପୁର, କୋସକା, ରାଣୀଛେଲି, ରାଣୀପଡା, ଗୁଣ୍ଡୁଣି ପ୍ରଭୃତି ପଂଚାୟତବାସୀ ଦାବି କରିଛନ୍ତି । ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଘନଘନ ବିଦ୍ୟୁତ କାଟ ଖଣ୍ଡପଡ଼ା ଅଂଚଳର ଜନସାଧାରଣଙ୍କ ପାଇଁ ମୁଣ୍ଡବଥାର କାରଣ ପାଲଟିଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ ସମସ୍ୟାକୁ ନେଇ ଜନସାଧାରଣ ଖଣ୍ଡପଡ଼ା ସହରସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଭିଡ ଜମାଇବା, ଧାରଣା ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାର ନଜିର ରହିଛି । ଏତେ ସବୁ ସତ୍ତ୍ୱେ ମଧ୍ୟ ବିଦ୍ୟୁତ ସେବାରେ ଏବେ ବି ସେଭଳି କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିବା ଜଣାପଡିଛି । ତେଣୁ ଏ ଦିଗରେ ବିଦ୍ୟୁତ ବିତରଣ କମ୍ପାନି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ନଚେତ ଆଗାମୀ ଦିନରେ ଅଂଚଳବାସୀ ବିଦ୍ୟୁତ ସମସ୍ୟାର ସମାଧାନ ନେଇ ଟିପିସିଓଡିଏଲ କାର୍ଯ୍ୟାଳୟରେ ତାଲା ଝୁଲାଇ ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି । ଖଣ୍ଡପଡା ଅଂଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବା ସହ ଖଣ୍ଡପଡ଼ାରେ ଏକ ବିଦ୍ୟୁତ ଗ୍ରୀଡ ସ୍ଥାପନ ନିମନ୍ତେ ବିଦ୍ୟୁତ ବିତରଣ କମ୍ପାନି ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଦୃଷ୍ଟିହୀନ ମହିଳାଙ୍କୁ ସରକାରୀ ସୁବିଧାରୁ ବଂଚିତ

ଯାଜପୁର, ୨୯/୦୫(ଆ.ପ୍ର) : ଦୃଷ୍ଟିହୀନ ମହିଳାଙ୍କୁ ରାସନ ଚାଉଳ କେବେ? ଆଧାର କାର୍ଡ ନଥିବାରୁ ଆଜିକୁ ଦୁଇ ବର୍ଷ ହେବ ସରକାରୀ ସୁବିଧାରୁ ବଂଚିତ । ସରକାରୀ ବ୍ୟବସ୍ଥାରେ ବଂଚିତ ଦୃଷ୍ଟି ବାଧିତ ମହିଳା । ସୂଚନା ମୁତାବକ ବରୀ ନିର୍ବାଚନ ମଣ୍ଡଳୀ ଭଇଁରା ପଂଚାୟତ ଚହୁମାରୀ ଗାଁରୁ ଆସିଛି ଏଭଳି ଏକ ଦୁଃଖଭରା କାହାଣୀ । ଭାଙ୍ଗିପଡୁଥିବା ଘରେ ଅତ୍ୟନ୍ତ ଦୁଃଖ କଷ୍ଟରେ ଜୀବନ କାଟୁଛନ୍ତି ଏହି ମହିଳା ଜଣଙ୍କ ସାବିତ୍ରୀ ଜେନା । ସରକାରୀ ଯୋଜନାରେ ସମସ୍ତଙ୍କୁ ସହାୟତା ମିଳୁଥିବା କଥା ସରକାରୀ ସ୍ତରରେ କୁହାଯାଉଥିଲେ ମଧ୍ୟ, ଏହି ଦୃଷ୍ଟିହୀନ ମହିଳାଙ୍କ ପାଖକୁ ସେହି ସୁବିଧା ପହଂଚିପାରୁନାହିଁ । ସେ ଅଭିଯୋଗ କରିଛନ୍ତି ଯେ, ରେସନ କାର୍ଡ ଥିଲେ ମଧ୍ୟ ତାଙ୍କୁ ଚାଉଳ ମିଳୁନାହିଁ । ତା ସହ ଅନ୍ୟାନ୍ୟ ସରକାରୀ ସହାୟତା ଓ ଭତ୍ତା ମଧ୍ୟ ସେ ପାଉନଥିବା କଥା କହିଛନ୍ତି । ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ଏବେ ସ୍ଥାନୀୟ ଲୋକମାନେ ଶୀଘ୍ର ଏହି ଅସହାୟ ମହିଳାଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି ।ତେବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବେ ଏହି ଦୃଷ୍ଟିହୀନ ମହିଳାଙ୍କ ଦୁଃଖ ଶୁଣି ସହାୟତାର ହାତ ବଢ଼ାଉଛି ।

କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସୁବର୍ଣ୍ଣା ଶ୍ରୀହରିକୋଟା ମହାକାଶ କେନ୍ଦ୍ର ପରିଦର୍ଶନର ସୁଯୋଗ ପାଇଲେ

ପାରଳାଖେମୁଣ୍ଡି, ୨୯/୦୫(ଆ.ପ୍ର) : ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ , ପାରଳାଖେମୁଣ୍ଡିର ଦଶମ ଶ୍ରେଣୀ ଛାତ୍ରୀ ସୁବର୍ଣ୍ଣା ସାହୁ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର ପରିଦର୍ଶନ କରିବାର ସୁଯୋଗ ପାଇଲେ । ସେ ଗତ ଏପ୍ରିଲ ୧୩ ତାରିଖ ଦିନ ଇସ୍ରୋର ଯୁଭିକା ବିଭାଗ ତରଫରୁ ନିମନ୍ତ୍ରଣ ମେଲ୍ ଦ୍ୱାରା ପାଇଥିଲେ । ଓଡିଶାରୁ ୨ ଜଣଙ୍କ ମଧ୍ୟରୁ ଗଜପତି ଜିଲ୍ଲାରୁ ସୁବର୍ଣ୍ଣାଙ୍କୁ ନିମନ୍ତ୍ରଣ ହୋଇଥିଲା ।ସେଠାରେ ୨ ସପ୍ତାହ କାଳ ରହି ମହାକାଶ ଜ୍ଞାନ ସମ୍ପର୍କରେ ଅନ୍ତର୍ନିହିତ ଜ୍ଞାନ, ଦକ୍ଷତା ଓ କୌଶଳ ଜାଣିବାରେ ସୁଯୋଗ ମିଳିଥିଲା । ସେ ସେଠାରେ ଇସ୍ରୋ , ଟେଲିମିଟ୍ରି, ଟ୍ରାକିଂ ଓ କମାଣ୍ଡ ନେଟ୍‌ୱାର୍କ, ଲଂଚପ୍ୟାଡ, ଟିଟିସି ଓ ଗ୍ରାଉଣ୍ଡ ଷ୍ଟେସନ ସମ୍ବନ୍ଧରେ ଜ୍ଞାନ ହାସଲ କରିବାର ସୁଯୋଗ ପାଇଥିଲେ । ଏହାଛଡା ଆଲୋଚନା ଚକ୍ର ମାଧ୍ୟମରେ ଚନ୍ଦ୍ରାୟଣ-୩, ଆଦିତ୍ୟ ଏଲ୍୧ ଓ ଗଗନାୟନ ସମ୍ପର୍କରେ ଜ୍ଞାନ ହାସଲ କରିପାରିଥିଲେ । ଏଥିରେ ମହାକାଶ ବୈଜ୍ଞାନିକ ଶୁଭାଂଶୁ ଶୁକ୍ଲାଙ୍କ ଠାରୁ ଦୀର୍ଘ ଅନୁଭୂତିର ଜ୍ଞାନ ହାସଲ କରିଥିଲେ । ଏସଡିଏସସି ଏସଏଚଏଆର୍‌ର ନିର୍ଦ୍ଦେଶକ ପଦ୍ମକୁମାର ଇ.ଏସ୍.ଙ୍କ ଠାରୁ କିଛି ଅନ୍ତର୍ନିହିତ ଜ୍ଞାନ ଯଥା ମହାକାଶ ଯାତ୍ରାର ବିଫଳତା ସଫଳତାର ପୁଞ୍ଜି ସୃଷ୍ଟି କରେ ଏହିଭଳି କିଛି ଜ୍ଞାନ, ଦକ୍ଷତା ଓ କୌଶଳ ସମ୍ପର୍କରେ ଧାରଣା ସୃଷ୍ଟି ହୋଇଥିଲା । ନିଜେ ଜଣେ ତାଲକାଶୋର ଦକ୍ଷତା ଲାଭ କରିଥିବାରୁ ତାହାକୁ ସେ ସନ୍ଧ୍ୟା ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରି ଇସ୍ରୋର ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ସେ କହନ୍ତି, 'ଜଣେ ମହାକାଶ ବୈଜ୍ଞାନିକ ହେବାର ସଂକଳ୍ପ, ମୋତେ ଇସ୍ରୋର ସମ୍ବନ୍ଧୀୟ ଜ୍ଞାନ ଦେବାରେ ସୁଯୋଗ ଓ ଆଶୀର୍ବାଦ ମିଳିଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପଣ୍ଡା ସାରଙ୍କ ପାଖରେ ଋଣୀ' ।

ବାପା ଓ ମା'ଙ୍କ ମୃତ୍ୟୁ ପରେ ବେସାହାରା ହୋଇ ପଡିଥିବା ପୁଅ ଓ ଝିଅଙ୍କୁ ସହାୟତା ଦାବି

ଖଣ୍ଡପଡ଼ା, ୨୯/୦୫(ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ବୋଲମରା ଗ୍ରାମର ହଟିଆ ସ୍ୱାଇଁଙ୍କର ଆଜକୁ ୧୦ ବର୍ଷ ତଳେ ମୃତ୍ୟୁ ହୋଇଥିବା ବେଳେ ଗତ ୨୭ ତାରିଖରେ ତାଙ୍କର ପତ୍ନୀ ଦୁମୁକି ସ୍ୱାଇଁ (୪୫)ଙ୍କ ର ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରଥମେ ବାପା ଓ ପରେ ପକ୍ଷାଘାତ ରୋଗରେ ପୀଡ଼ିତ ମା ଙ୍କ' ର ମୃତ୍ୟୁ ପରେ ଏବେ ପୁଅ ଚିନ୍ମୟ (୧୭) ଓ କନ୍ୟା ସୁଜାତା (୧୯) ସଂପୂର୍ଣ୍ଣ ରୂପେ ବେସାହାରା ହୋଇ ପଡିଛନ୍ତି। ବାଲ୍ୟ ଅବସ୍ଥାରେ ବାପାଙ୍କୁ ହରାଇ ଥିବା ପୁଅ ଓ ଝିଅ ମା'ଙ୍କ ଭରସାରେ ଦିନ କାଟୁଥିବା ବେଳେ ଘଡିସନ୍ଧି ମୁହୂର୍ତ୍ତରେ ମା ସେମାନଙ୍କ ହାତ ଛାଡି ଆରପାରିକୁ ଚାଲି ଯାଇଛନ୍ତି। ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଏହି ପରିବାର ଉପରେ ଦୁଃଖ ଉପରେ ଦୁଃଖ ମାଡି ବସିଛି। ପ୍ରତି ମାସରେ ପରିବାରବର୍ଗ ପଂଚାୟତ କାର୍ଯ୍ୟାଳୟରୁ ୧୫ କେଜି ଚାଉଳ ସହ ଭତ୍ତା ବାବଦରେ ସ୍ୱର୍ଗତା ମା ୩୫୦୦ ଭତ୍ତା ଟଙ୍କା ପାଉଥିଲେ। ଫଳରେ ପରିବାରବର୍ଗ ଏକରକମ ଚଳି ଯାଉଥିଲେ। କିନ୍ତୁ ହଠାତ ଦୁମୁକିଙ୍କ ମୃତ୍ୟୁ ପରେ ବେସାହାରା ହୋଇ ପଡିଛନ୍ତି ୨ ପିଲା ଏବେ ବିଭିନ୍ନ ଦୁଶ୍ଚିନ୍ତାରେ ରାଙ୍ଗି ପଡିଥିବା ଜଣାପଡିଛି। ଖବରପାଇ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ସମିତି ସଭ୍ୟ ମାନସ କୁମାର ଦାସ, ସରପଂଚଙ୍କ ପ୍ରତିନିଧି ବିପିନ ବିହାରୀ ପରିଡ଼ାଙ୍କ ସମେତ ଏକାଧିକ ଲୋକପ୍ରତିନିଧି ଓ ସମାଜସେବୀ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସହଯୋଗର ହାତ ବଢାଇ ଥିବା ବେଳେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ମିଳି ପାରିଲେ ଅସହାୟ ଏହି ପରିବାରବର୍ଗ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ନୟାଗଡ ଜିଲ୍ଲାପାଳ, ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ଏହି ପରିବାର ପ୍ରତି ସଦୟ ହୋଇ ସହଯୋଗର ହାତ ବଢ଼ାଇବାକୁ ରୟତି ବୋଲମରା ଗ୍ରାମବାସୀ ନିବେଦନ କରିଛନ୍ତି।

ନୂଆପଡ଼ାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୯/୦୫(ଆ.ପ୍ର) : ନୂଆପଡ଼ା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଆସନ୍ତା ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକ ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାନ୍ୟବର ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ମାନ୍ୟବର ନୂଆପଡ଼ା ବିଧାୟକ ଜୟ ଢୋଲକିଆ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡେପୁଟି ଜିଲ୍ଲାପାଳ (ଜରୁରୀକାଳୀନ) ଶେଖ ନାସିମଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଆସନ୍ତା ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଚିହ୍ନଟ କରି ସେଗୁଡ଼ିକର ତୁରନ୍ତ ମରାମତି, ଡ୍ରେନେଜ ବ୍ୟବସ୍ଥାକୁ ସଚଳ ରଖିବା ଏବଂ ବର୍ଷାଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଜଳସେଚନ, ପଂଚାୟତିରାଜ ଓ ସହରାଂଚଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି ନୂଆପଡ଼ା ବିଧାୟକ ଜୟ ଢୋଲକିଆ ବନ୍ୟା ଆଶ୍ରୟସ୍ଥଳ ଭାବେ ବ୍ୟବହୃତ ହେବାକୁ ଥିବା ବିଦ୍ୟାଳୟ ଗୃହଗୁଡ଼ିକର ଆବଶ୍ୟକ ମରାମତି କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ସହ ଡ୍ରେନେଜ୍ ସଫେଇ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ପୂର୍ବ ପ୍ରସ୍ତୁତି, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ବନ୍ୟା ନିୟନ୍ତ୍ରଣ କକ୍ଷଗୁଡ଼ିକୁ ଜୁନ ୧ ତାରିଖରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଚବିଶ ଘଂଟିଆ ଭିତିରେ କାର୍ଯ୍ୟକ୍ଷମ ରଖିବା, ବ୍ଲକ, ତହସିଲ ଓ ଏନଏସି ସ୍ତରରେ ମଧ୍ୟ ସମାନ ବ୍ୟବସ୍ଥା କରିବା ଏବଂ ଦୈନିକ ବର୍ଷାପାତ ସମ୍ପର୍କିତ ରିପୋର୍ଟ ନିୟମିତ ଭାବେ ପ୍ରେରଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଥିଲା। ପାଣିପାଗ ସତର୍କ ସୂଚନା ଓ ବନ୍ୟା ବୁଲେଟିନକୁ ତୁରନ୍ତ ଜନସାଧାରଣ ଓ ସମ୍ପୃକ୍ତ ସଂସ୍ଥାମାନଙ୍କ ନିକଟରେ ପହଂଚାଇବା ପାଇଁ ଜିଲ୍ଲା ଜରୁରୀକାଳୀନ ଶାଖା ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ସକ୍ରିୟ ଭୂମିକା ନେବାକୁ କୁହାଯାଇଥିଲା। ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ଖାଦ୍ୟ ସାମଗ୍ରୀ, ଚୁଡ଼ା, ଗୁଡ଼, ବିସ୍କୁଟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆଗୁଆ ସଂରକ୍ଷଣ, ଦୁର୍ଗମ ଅଂଚଳରେ ସୁରକ୍ଷିତ ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ, ଯୋଗାଯୋଗ ଓ ସଡ଼କ ସେବାର ତ୍ୱରିତ ପୁନରୁଦ୍ଧାର ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ବର୍ଷା ଋତୁରେ ଜଳବାହିତ ରୋଗ ନିୟନ୍ତ୍ରଣ, ସାପ କାମୁଡ଼ା ଚିକିତ୍ସା ପାଇଁ ଆଂଟି-ଭେନମ ଔଷଧର ପର୍ଯ୍ୟାପ୍ତ ମହଜୁଦ, ମୋବାଇଲ ହେଲ୍ଥ ୟୁନିଟ୍‌ର ସକ୍ରିୟତା ଏବଂ ଦୁର୍ଗମ ଅଂଚଳରେ ଔଷଧ ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ପଶୁ ସମ୍ପଦ ବିଭାଗକୁ ପଶୁ ଟିକାକରଣ ଓ ଚିକିତ୍ସା ସେବା ପାଇଁ ସଜାଗ ରହିବାକୁ କୁହାଯାଇଥିବାବେଳେ କୃଷି ବିଭାଗକୁ ବନ୍ୟା ପରବର୍ତ୍ତୀ କୃଷି ସହାୟତା ଯୋଜନା ପ୍ରସ୍ତୁତ କରିବା ଏବଂ ଚାଷୀମାନଙ୍କ ପାଇଁ ବିହନ, ସାର ଓ କୀଟନାଶକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ବନ୍ୟା ଆଶ୍ରୟସ୍ଥଳ ଚିହ୍ନଟ, ନିମ୍ନାଂଚଳ ଅଂଚଳଗୁଡ଼ିକର ସ୍ଥାନାନ୍ତରଣ ଯୋଜନା, ଉଦ୍ଧାର ପଥ ଏବଂ ପରିବହନ ବ୍ୟବସ୍ଥା, ଓଡ୍ରାଫ ଓ ଅଗ୍ନିଶମ ବାହିନୀର ମୁତୟନ, କ୍ଷୟକ୍ଷତି ଆକଳନ ଏବଂ ରିଲିଫ ଦଳ ଗଠନ ସମ୍ପର୍କରେ ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ, ପଂଚାୟତିରାଜ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସାମିଲ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଜୁନ ୧୮ ଓ ୧୯ ତାରିଖରେ ଜିଲ୍ଲା, ବ୍ଲକ ଏବଂ ଏନଏସି ମୁଖ୍ୟାଳୟ ସ୍ତରରେ ମକ୍ ଡ୍ରିଲ୍ ଆୟୋଜନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଶେଷରେ ଜିଲ୍ଲାପାଳ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ଓ ସମ୍ପତିର କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସମସ୍ତ ବିଭାଗ ପୂର୍ଣ୍ଣ ସଜାଗତା ଓ ସମନ୍ୱୟ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ରଥଯାତ୍ରା ପାଇଁ ପ୍ରାକ୍-ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୨୯/୦୫(ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ମାଧବ ନନ୍ଦ ନାୟକ, ପାଲକା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଂଚାସିନ ଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥ ଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବର ମାନଙ୍କୁ ସାଧୁବାଦ ଜଣାଇଥିଲେ। ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା। ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଯାତ୍ରାର ମୁଖ୍ୟ ବିଷୟ ବସ୍ତୁ ସୁଖିଲା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହେବା ସହ ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେ ପରିମାଣର ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେହିପରି ବିଦ୍ୟୁତ ବ୍ୟବସ୍ଥା ରାସ୍ତାଘାଟ ମରାମତି ବ୍ୟବସ୍ଥା ଉପରେ ଆଲୋଚନା, ଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରକ୍ଷିବା ପାଇଁ ପୋଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ, ଗଣମାଧ୍ୟମ ପ୍ରତିନିଧି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଦେବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଦୁର୍ଗନ୍ଧରେ ଅତିଷ୍ଠ ଜନସାଧାରଣ, ମ୍ୟୁନିସିପାଲଟି ଓ ପ୍ରଶାସନର ନୀରବତାକୁ ନେଇ ବଢୁଛି ଅସନ୍ତୋଷ

ଭଦ୍ରକ, ୨୯/୦୫(ଆ.ପ୍ର) : ଭଦ୍ରକ ସହର ସମେତ ପୁରୁଣା ବଜାର ଥାନା ଅଂଚଳରେ ଦିନକୁ ଦିନ ଅବ୍ୟବସ୍ଥିତ ଭାବେ ବଢୁଥିବା କୁକୁଡ଼ା ଦୋକାନ ଏବେ ସାଧାରଣ ଲୋକଙ୍କ ପାଇଁ ଭୟଙ୍କର ସମସ୍ୟାର କାରଣ ହୋଇପଡ଼ିଛି। ରାସ୍ତା କଡ଼ରେ ସର୍ବସାଧାରଣ ସ୍ଥାନରେ କୁକୁଡ଼ା କାଟାଯାଉଥିବାରୁ ଅଂଚଳରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହାର ପ୍ରଭାବରେ ଦୋକାନୀ, ପଥଚାରୀ, ସ୍ଥାନୀୟ ବାସିନ୍ଦା ଓ ଛୋଟ ଛୋଟ ଶିଶୁମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତା ଉପରେ ଖୋଲାମେଲା ଭାବେ କୁକୁଡ଼ା କାଟାଯାଉଥିବା ବେଳେ, ତାହାର ବର୍ଜ୍ୟବସ୍ତୁ ଓ ରକ୍ତ ଡ୍ରେନ ଓ ରାସ୍ତାରେ ପଡ଼ି ରହୁଛି। ଫଳରେ ପରିବେଶ ଦୂଷିତ ହେବା ସହ ମାଛି, ମଶା ଓ ଅନ୍ୟାନ୍ୟ କୀଟପତଙ୍ଗର ଉତ୍ପାତ ବଢ଼ିବାରେ ଲାଗିଛି। ଏହି ପରିସ୍ଥିତି ଆଗାମୀ ଦିନରେ ଜନସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ଆଣିପାରେ ବୋଲି ସ୍ଥାନୀୟ ଲୋକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଏନେଇ ବାରମ୍ବାର ମ୍ୟୁନିସିପାଲଟି ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସଠିକ ପଦକ୍ଷେପ ନିଆଯାଇନାହିଁ। ଅଧିକାରୀମାନଙ୍କ ନୀରବତା ଓ ଅବହେଳାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭାରୀ ଅସନ୍ତୋଷ ଦେଖାଦେଇଛି। ପ୍ରଶ୍ନ ଉଠୁଛି ସହରର ମଧ୍ୟଭାଗରେ ଏଭଳି ଅସ୍ୱଚ୍ଛ ପରିବେଶରେ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ସତ୍ତ୍ୱେ କାହିଁକି ପ୍ରଶାସନ ଚୁପ୍। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ହେଉଥିବା ବେଳେ କାହା ସ୍ୱାର୍ଥରେ ଏହାକୁ ଅଣଦେଖା କରାଯାଉଛି। ସ୍ଥାନୀୟ ଜନସାଧାରଣଙ୍କ ଦାବି ହେଉଛି ଯେ, ତୁରନ୍ତ ଏହି ଅଂଚଳରେ ଅବୈଧ ଭାବେ ଚାଲୁଥିବା କୁକୁଡ଼ା କଟା କାର୍ଯ୍ୟ ଉପରେ ନଜରଦାରୀ କରାଯାଇ ସ୍ୱଚ୍ଛତା ନିୟମ ଅନୁସରଣ କରାଯାଉ। ନହେଲେ ଆଗାମୀ ଦିନରେ ଲୋକମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସତର୍କ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଭଦ୍ରକ ମ୍ୟୁନିସିପାଲଟି, ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି ଗୁରୁତର ସମସ୍ୟା ଉପରେ କେବେ ଦୃଷ୍ଟି ଦେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ଦୁର୍ଗନ୍ଧ ଓ ଅସ୍ୱଚ୍ଛ ପରିବେଶରୁ କେବେ ମୁକ୍ତି ମିଳୁଛି।

ଯାଜପୁରରେ ଏସଆଇଆର୍ ସମ୍ବନ୍ଧୀୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ଯାଜପୁର, ୨୯/୦୫(ଆ.ପ୍ର) : ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ କର ଏସଆଇଆର୍ ସମୟ ସାରଣୀ, ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା, ଆପତି ଦାଖଲ ଏବଂ ସମାଧାନ, ବିଏଲଓଙ୍କ ପ୍ରଶିକ୍ଷଣ, ହେଲ୍ପଲାଇନ୍ ଡେସ୍କ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ ମୋଟ ମତଦାତାଙ୍କ ସଂଖ୍ୟା, ନିୟୋଜିତ ବିଏଲଓଙ୍କ ସଂଖ୍ୟା, ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଯୋଗ୍ୟ ଏବଂ ଅନଧିକୃତ ବ୍ୟକ୍ତିଙ୍କୁ ହଟାଇବା ସହ ଯୋଗ୍ୟ ମତଦାତାଙ୍କ ନାମ ସନ୍ନିହିତ କରି ଭୋଟର ତାଲିକାକୁ ସଠିକ୍, ନିର୍ଭୁଲ ଏବଂ ପାରଦର୍ଶୀ କରିବା ଦିଗରେ ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସୁଚାରୁ ରୂପେ ସମ୍ପାଦନ କରିବା ଆମର ଏକ ପ୍ରମୁଖ ଦାୟିତ୍ୱ ଏବଂ ଜନସାଧାରଣଙ୍କୁ ଏସଆଇଆର ସମ୍ପର୍କରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଥିଲେ। ସୂଚନାଯୋଗ୍ୟ, ଜିଲ୍ଲାରେ ଏସଆଇଆର କାର୍ଯ୍ୟରେ ୧୬୩୯ ଜଣ ବିଏଲଓ ଏବଂ ୧୬୪ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମଇ ୩୦ ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବେ। ପ୍ରତ୍ୟେକ ମତଦାତାଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏହି ଫର୍ମଗୁଡିକ ସତର୍କତାର ସହିତ ପୂରଣ କରିବାକୁ ହେବ। ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟାଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ। ନିର୍ବାଚନ ଫର୍ମ ଦୁଇଟି ପୂରଣ କରିସାରିଲା ପରେ, ଗୋଟିଏ ଫର୍ମକୁ ବିଏଲଓ ସଂଗ୍ରହ କରି ଆର ଫର୍ମଟିରେ ପ୍ରାପ୍ତିସ୍ୱୀକାର ପ୍ରଦାନ କରିବେ। ନିର୍ବାଚକମାନଙ୍କଠାରୁ ପ୍ରାପ୍ତ ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଜନସାଧାରଣ ଏସଆଇଆର ସମ୍ବନ୍ଧୀୟ କୌଣସି ଗୁଜବ କିମ୍ବା ମିଥ୍ୟା ଖବରରେ ବିଶ୍ୱାସ ନ କରିବା ସହ ଅଧିକ ସୂଚନା ପାଇଁ ନିକଟସ୍ଥ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ବିଡ଼ିଓ, ତହସିଲଦାରଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏହାସହ ଟୋଲ୍ ଫ୍ରୀ ନମ୍ବର ୧୯୫୦ ରେ କଲ୍ କରିପାରିବେ।

ସ୍ୱାଧୀନତାର ଏତେ ବର୍ଷ ପରେ ବି ଖଟିଆରେ ବୁହା ହେଉଛନ୍ତି ରୋଗୀ



ଜି.ଉଦୟଗିରି, ୨୯/୦୫(ଆ.ପ୍ର) : ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଜି. ଉଦୟଗିରି ବ୍ଲକ ମାଳିକାପଡ଼ି ପଂଚାୟତର ଲଏରଏକୁ ଗ୍ରାମକୁ ପକ୍କା ରାସ୍ତା କିମ୍ବା ବିଜୁଳି ସଂଯୋଗ ପହଂଚିପାରିନାହିଁ। ସାଧାରଣ ଯାତାୟାତ ତ ଦୂରର କଥା, ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଆମ୍ବୁଲାନ୍ସ ଗାଁକୁ ପହଂଚି ପାରୁନାହିଁ। ଫଳରେ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଗ୍ରାମବାସୀଙ୍କ ପାଇଁ ଖଟିଆ କିମ୍ବା ଭାର ହିଁ ଏକମାତ୍ର ଭରସା। ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ଏହି ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଗ୍ରାମବାସୀ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ଲୋଏରଏକୁ ଗ୍ରାମକୁ ସଂଯୋଗ କରୁଥିବା କୌଣସି ପକ୍କା ରାସ୍ତା ନଥିବାରୁ ଅଂଚଳବାସୀ ଦୀର୍ଘଦିନ ଧରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମଠାରୁ ମୁଖ୍ୟ ରାସ୍ତାର ଦୂରତା ପ୍ରାୟ ଦୁଇ କିଲୋମିଟର। କାଦୁଅ, ପଥରିଆ ଓ ଜଙ୍ଗଲଘେରା ଏହି ରାସ୍ତାରେ ଲୋକମାନେ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ବିଶେଷ କରି ସ୍ୱାସ୍ଥ୍ୟ ସମସ୍ୟା ପରିସ୍ଥିତି ସମୟରେ ରୋଗୀମାନଙ୍କୁ ଖଟିଆ କିମ୍ବା କାନ୍ଧରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଛି। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ଦୁଃଖଦାୟକ ବୋଲି କହିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ନିର୍ବାଚନ ସମୟରେ ନେତାମାନେ ଗାଁକୁ ଆସି ବଡ଼ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ ଭୋଟ ସରିଗଲେ ସମସ୍ତେ ଆମ ସମସ୍ୟା ବିଷୟ ଭୁଲିଯାଉଛନ୍ତି। ରାସ୍ତା ନଥିବାରୁ ପିଲାମାନେ ଠିକ୍ ଭାବରେ ସ୍କୁଲ ଯାଇପାରୁନାହାନ୍ତି ଏବଂ ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ବେଳେ ଆମ୍ବୁଲାନ୍ସ ଗାଁକୁ ପହଂଚି ପାରୁନାହିଁ। ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତୁରନ୍ତ ଲୋଏରଏକୁ ଗ୍ରାମକୁ ପକ୍କା ରାସ୍ତା ଓ ବିଜୁଳି ସଂଯୋଗ ଯୋଗାଇଦେବାକୁ ବିନମ୍ର ନିବେଦନ କରିଛନ୍ତି।

ଅଟଳ ମାର୍ଗ ତଦାରଖ କଲେ ଯୁବ ବିଧାୟକ ଶିତାଂଶୁ ଶେଖର ମହାପାତ୍ର

ଭଦ୍ରକ, ୨୯/୦୫(ଆ.ପ୍ର) : ଭଦ୍ରକ କଚେରୀ ବଜାରର ମୁଖ୍ୟ ରାସ୍ତା ଅଟଳ ମାର୍ଗର କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିବାବେଳେ ବିଧାୟକଙ୍କ ତାଗିଦ ପରେ ତାହା ଆଗକୁ ବଢିବ ବୋଲି ସହରବାସୀ ଆଶା ପ୍ରକଟ କରିଛନ୍ତି। ଯାହା ଜଣାଯାଏ ଠିକାଦାର ନିର୍ମାଣ କାର୍ଯ୍ୟରେ ଟାଳଟୁଳ ନୀତି ଆପଣାଇଛନ୍ତି। ଯାହାକୁ ନେଇ ଜିଲ୍ଲାବାସୀ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଏପରିକି ଭଦ୍ରକ ମା' ଭଦ୍ରକାଳୀ ମନ୍ଦିରରୁ ନିର୍ମିତ ଡ୍ରେନ ଅତି ସଙ୍କୁଚିତ ରହିଛି। ବହୁ ପୂର୍ବରୁ ଏହି ନାଳ ୮ ଫୁଟରୁ ଅଧିକ ଓସାର ଥିଲା। ଏବେ ନବ ନିର୍ମିତ ଡ୍ରେନ ୩ ଫୁଟ ଭିତରେ ସୀମିତ ରହିଛି। ଅତ୍ୟଧିକ ବର୍ଷା ହେଲେ ସହରର ଜଳ ନିଷ୍କାସନ ହେବା ନେଇ ସନ୍ଦେହ ବଢିଛି। ତ୍ରୁଟିପୂର୍ଣ୍ଣ ଭାବେ ଅଣ ଓସାରିଆ ଡ୍ରେନ ନିର୍ମାଣ ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନେଇ ଅଭିଯୋଗ ହୋଇ ଆସୁଥିଲା। ସେହିଭଳି ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ନ ହେବା ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଉଥିଲା। ଏହି ବିଳମ୍ବିତ କାର୍ଯ୍ୟକୁ ନେଇ ଭଦ୍ରକ ବିଧାୟକ ସିତାଂଶୁ ସେଖର ମହାପାତ୍ର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଧ୍ୟାନଚାନ୍ଦ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆ, ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ, ଯନ୍ତ୍ରୀ ଉତ୍ତମ ନାୟକ ପ୍ରମୁଖ ଅଟଳ ମାର୍ଗ ନିର୍ମାଣ ଅଂଚଳ ପରିଦର୍ଶନ କରିଥିଲେ। ଭଦ୍ରକ ବଙ୍କବାସୁଳୀ ମନ୍ଦିରରୁ ଲୋକନାଥ ମନ୍ଦିର ଛକ,ଟାଉନ ହଲ ଛକ ଦେଇ ଅନୁଧ୍ୟାନ କରାଯାଇଥିଲା। ଶନିମନ୍ଦିର ପର୍ଯ୍ୟନ୍ତ ସ୍ଥିତି କ୍ଷେତ୍ରୀୟ ଯାଂଚ ବେଳେ ଆରମ୍ଭରୁ ଅନେକ ତ୍ରୁଟି ଥିବାର ପ୍ରମାଣିତ ହୋଇଥିଲା। ବିଶେଷକରି ନିର୍ମାଣାଧୀନ ଡ୍ରେନ ସଙ୍କୁଚିତ ହେବା ନେଇ ଜଣାପଡ଼ିବା ପରେ ଏହି ଡ୍ରେନ ନିର୍ମାଣ ନେଇ ସହରବାସୀଙ୍କ ଉଦ୍‌ବେଗ ପରେ ବିଧାୟକ, ପୂର୍ତ୍ତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସ୍ଥିତି ଅନୁଧ୍ୟାନ ପରେ ତାହା ଭଙ୍ଗାଯାଇ ଅଣଓସାରିଆ ଡ୍ରେନ୍ ଓ ଅଙ୍କାବଙ୍କା ବିଦ୍ୟୁତ ପୋଲ୍ ସଜଡାଯାଇ ଏହାକୁ ଅଧିକ ଓସାର କରି ନିର୍ମାଣ କରିବାକୁ ବିଧାୟକ ସିତାଂଶୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ନୂତନ ପୋତା ଯାଇଥିବା ବିଦ୍ୟୁତ ପୋଲ ଅଙ୍କାବଙ୍କା ରହିଛି। କଚେରୀ ଅଂଚଳରୁ ସନ ସାଇନ ସ୍କୁଲ ପର୍ଯ୍ୟନ୍ତ ପୋଲ ସିଧା ରହିଥିବାବେଳେ ଲୋକନାଥ ମନ୍ଦିର ପର୍ଯ୍ୟନ୍ତ ଅଙ୍କାବଙ୍କା ଭାବେ ପୋତା ଯାଇଛି। ସ୍ଥାନୀୟ ଅଂଚଳର ବୃହତ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ଏଭଳି କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିଧାୟକ ଖପା ହୋଇଛନ୍ତି। ଅଙ୍କାବଙ୍କା ପୋଲ ଗୁଡ଼ିକ ସାନି ସରଳରେଖାରେ ସମ୍ପ୍ରସାରିତ କରି ରାସ୍ତା ପାଖ ସରକାରୀ ଜାଗାରେ ପୋତିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଶ୍ରୀ ମହାପାତ୍ର ଆଦେଶ ଦେଇଥିବା ବେଳେ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କଚେରୀରୁ ଲୋକନାଥ ମନ୍ଦିର ପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ କରିବାକୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏହା ପରେ ପୌରପାଳିକା ଅଧୀନରେ ଥିବା ଟାଉନ ହଲ ଛକ ନିକଟରେ ୩ଟି ମାର୍କେଟ କମ୍ପ୍ଲେକ୍ସ ଭଙ୍ଗା ଯାଇ ଜାଗା ଯୋଗାଇ ଦିଆଯିବ ବୋଲି ତହସିଲଦାର ଦର୍ଶାଇଛନ୍ତି। ସେହିଭଳି ଶନି ମନ୍ଦିର ପର୍ଯ୍ୟନ୍ତ ଯେଉଁଠି ଯାହା ସମସ୍ୟା ଅଛି ତାକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରି ରାସ୍ତା କାମ ଆଗେଇ ନେବାକୁ କୁହାଯାଇଛି। ୧୭ କୋଟି ଟଙ୍କାର ନିର୍ମିତ ରାସ୍ତା କାର୍ଯ୍ୟ ଅଗଷ୍ଟ ଭିତରେ ଶେଷ କରିବାକୁ ବିଧାୟକ ଠିକାଦାରଙ୍କୁ ତାଗିଦ କରିଛନ୍ତି। ନଚେତ କଳା ତାଲିକାଭୁକ୍ତ କରାଯିବ ବୋଲି ସର୍କିଟ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଚେତାବନୀ ଦେଇଛନ୍ତି। ସେହିଭଳି ଚରମ୍ପା ପିଡର ରୋଡ୍ କାର୍ଯ୍ୟର ଅଗ୍ରଗତି ନେଇ କ୍ଷେତ୍ର ପରିଦର୍ଶନ କରାଯାଇଛି। ଏଠାରେ ଡ୍ରେନ କାର୍ଯ୍ୟକୁ ନେଇ ଏହି ଟିମ ସନ୍ତୋଷଜନକ ପ୍ରକାଶ କରିଛି। ଡବଲ ୱେ ରାସ୍ତା କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ କାର୍ଯ୍ୟକୁ ଅତି ଶୀଘ୍ର ଶେଷ କରିବାକୁ ସମୀକ୍ଷା ବୈଠକରେ ଠିକାଦାର ସମେତ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଶ୍ରୀ ମହାପାତ୍ର ଶେଷ ଚେତାବନୀ ଦେଇଛନ୍ତି।

ଆରମ୍ଭ

SEITHO ARAMBHA

ଶନିବାର, ୩୦ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଟି-ଟ୍ୱେଂଟି ବିଶ୍ୱକପ ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଭାରତର ଦମଦାର ବିଜୟ

ନୂଆଦିଲ୍ଲୀ, ୨୯/୫(ନ୍ୟୁ.ଏ): ବିଶ୍ୱକପ ପୂର୍ବରୁ ଟିମ୍ ଇଣ୍ଡିଆର ବଡ଼ ସଫଳତା । ଟି-୨୦ ବିଶ୍ୱକପ୍ ଆଉ କିଛି ଦିନ ବାକି ଅଛି, ଏବଂ ଏହା ପୂର୍ବରୁ ଶେଷ ସିରିଜ୍ ଆରମ୍ଭ ହୋଇଛି । ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚ୍ରେ ଇଂଲଣ୍ଡ ମହିଳା ଦଳକୁ ପରାସ୍ତ କରିଛି । ଭାରତୀୟ ଦଳ ଯେଉଁ ଯୁବ ଖେଳାଳିମାନଙ୍କ ଉପରେ ପ୍ରଥମ ଥର ପାଇଁ ଭରସା କରିଥିଲା ସେମାନେ ସଫଳ ହୋଇଛନ୍ତି । ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ରେ ଟିମ୍ ଇଣ୍ଡିଆ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ୩୮ ରନରେ ହରାଇଛି । ୧-୦ ସିରିଜରେ ଆଗୁଆ ରହିଛି ଟିମ୍ ଇଣ୍ଡିଆ । ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପୂର୍ବରୁ ଶେଷ ସିରିଜ୍ । ସିରିଜ୍ରେ ଆହୁରି ଦୁଇଟି ମ୍ୟାଚ୍ ବାକି ଅଛି, ଏବଂ ଦଳ ସେଗୁଡ଼ିକୁ ଜିତି ଦୃଢ଼ ମନୋବଳ ସହିତ ଉକ୍ତ ଟୁର୍ଣ୍ଣାମେଂଟରେ ପ୍ରବେଶ କରିବାକୁ ଚେଷ୍ଟା କରିବ । ଏହି ମ୍ୟାଚ୍ରେ ଅଧିନାୟକ ହରମନପ୍ରୀତ କୌର ଖେଳି ନଥିଲେ । ସ୍ମୃତି ମନ୍ଧାନା ଦଳର ଦାୟିତ୍ୱ ନେଇଥିଲେ । ୭ ବର୍ଷର ରେକର୍ଡ ଭାଙ୍ଗିଲେ ଜେମିମା-ଯାଷ୍ଟିକା- ଇଂଲଣ୍ଡ ବିପକ୍ଷରେ ଭାରତର ବିଜୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଜେମିମା ରୋଡ୍ରିଗ୍ସ ଏବଂ ଯଷ୍ଟିକା ଭାଟିଆଙ୍କର ଥିଲା । ଦୁହେଁ ୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି । ଏହି ମ୍ୟାଚରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ନନ୍ଦିନୀ ଶର୍ମା ମଧ୍ୟ ବୋଲିଂରେ ହଲଚଲ ସୃଷ୍ଟି କରିଥିଲେ । ଚେମସଫୋର୍ଡରେ ଖେଳାଯାଉଥିବା ପ୍ରଥମ ଟି-୨୦ରେ ଇଂଲଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା । ଭାରତର ଆରମ୍ଭ ଭଲ ନଥିଲା । ସେମାନଙ୍କର ଉଭୟ ଓପନର - ସ୍ମୃତି ମନ୍ଧାନା ଏବଂ ଶାଫାଲି ବର୍ମା - ପ୍ରଥମ ଓଭରରେ ଆଉଟ ହୋଇଥିଲେ । ସ୍ମୃତି ଖାତା ଖୋଲିପାରି ନଥିଲେ । ଶେଫାଲି କେବଳ ଦୁଇ ରନ କରିଥିଲେ । ପରେ, ଯାଷ୍ଟିକା ଭାଟିଆ ଏବଂ ଜେମିମା ରୋଡ୍ରିଗ୍ସ ମିଶି ଚମତ୍କାର ଇନିଂସ ଖେଳିଥିଲେ । ଭାରତ ପାୱାରପ୍ଲେରେ ଇଂଲଣ୍ଡ ବିପକ୍ଷରେ ସର୍ବବୃହତ ସ୍କୋର ହାସଲ କରିଥିଲା । ଭାରତ ପ୍ରଥମ ୬ ଓଭରରେ ୨ଟି ୱିକେଟ୍ ହରାଇ ୭୩ ରନ କରିଥିଲା । ପାୱାରପ୍ଲେରେ ଭାରତର ଦୁର୍ବଳ ଆରମ୍ଭ ସତ୍ତ୍ୱେ କମବ୍ୟାକ କରିଥିଲା । ଯାଷ୍ଟିକା ଭାଟିଆ ଏବଂ ଜେମିମା ରୋଡ୍ରିଗ୍ସ ଗତି ବଦଳାଇ ଦେଇଥିଲେ । ଫଳରେ ସେମାନେ ମହିଳା ଟି-୨୦ରେ ସର୍ବାଧିକ ଦ୍ୱିତୀୟ ୱିକେଟ୍ ଭାଗୀଦାରୀର ଭାରତୀୟ ରେକର୍ଡ ଭାଙ୍ଗିଲେ । ପୂର୍ବରୁ ବେଦ କୃଷ୍ଣମୂର୍ତ୍ତି ଏବଂ ଜେମିମା ରୋଡ୍ରିଗ୍ସ ମହିଳା ଟି-୨୦ କ୍ରିକେଟରେ ସର୍ବାଧିକ ଦ୍ୱିତୀୟ ୱିକେଟ୍ ଭାଗୀଦାରୀ ପାଇଁ ଭାରତୀୟ ରେକର୍ଡର ଅଧିକାରୀ ଥିଲେ । ନଭେମ୍ବର ୨୦, ୨୦୧୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୧୭ ରନ୍ ଯୋଡିଥିଲେ । କିନ୍ତୁ, ୭ ବର୍ଷ ପରେ, ଯାଷ୍ଟିକା ଭାଟିଆ ଏବଂ ଜେମିମା ରୋଡ୍ରିଗ୍ସ ୧୨୬ ରନ୍ ଭାଗୀଦାରୀ ସହିତ ସେହି ରେକର୍ଡକୁ ଭାଙ୍ଗିଥିଲେ । ବଡ଼ କଥା ହେଉଛି ଉଭୟ ଭାଗୀଦାରୀରେ ଜେମିମା ରୋଡ୍ରିଗ୍ସ ସାମିଲ । ପ୍ରଥମ ଟି-୨୦ରେ ଜେମିମା ରୋଡ୍ରିଗ୍ସ ୪୦ ବଲ୍ରୁ ୧୭୨.୫୦ ଷ୍ଟ୍ରାଇକ୍ ରେଟ୍ରେ ୬୯ ରନ୍ କରିଥିଲେ । ଯାଷ୍ଟିକା ଭାଟିଆ ମଧ୍ୟ ୪୦ ବଲ୍ରୁ ୫୪ ରନ୍ କରିଥିଲେ । ଏହି ଦୁଇଜଣଙ୍କ ବ୍ୟତୀତ ୭ ନମ୍ବରରେ ବ୍ୟାଟିଂ କରୁଥିବା ଦୀପ୍ତି ଶର୍ମା ୧୩ ବଲରୁ ଦ୍ରୁତ ୨୨ ରନ୍ କରିଥିଲେ । ଭାରତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୮ ରନ୍ କରିଥିଲା । ୩୮ ରନ୍ରେ ଜିତିଲା ଭାରତ- ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପୂର୍ବରୁ, ଭାରତୀୟ ଦଳ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯାଉଛି । ପ୍ରଥମ ମ୍ୟାଚ୍ ଭାରତ ୩୮ ରନରେ ଜିତିଛି । ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୮ ରନ୍ କରିଥିଲା । ଜବାବରେ, ଇଂଲଣ୍ଡ ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ କେବଳ ୧୫୦ ରନ୍ କରିପାରିଥିଲା । ଏହିପରି ଭାବରେ ଭାରତ ପ୍ରଥମ ମ୍ୟାଚ୍ ଜିତିଥିଲା । ସିରିଜର ଦ୍ୱିତୀୟ ମ୍ୟାଚ୍ ମେ ୩୦ ଏବଂ ତୃତୀୟ ମ୍ୟାଚ୍ ଜୁନ୍ ୨ରେ ଖେଳାଯିବ । ଏହା ପରେ, ଭାରତୀୟ ଦଳ ଆଇସିସି ଟି-୨୦ ବିଶ୍ୱକପ୍ ପାଇଁ ମୈଦାନକୁ ଓହ୍ଲାଇବ, ଯେଉଁଠାରେ ପ୍ରଥମ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳାଯିବ ।

ଋଷଭ ଛାଡ଼ିଲେ ଏଲ୍‌ଏସ୍‌ଜି ଅଧିନାୟକ ପଦ

ନୂଆଦିଲ୍ଲୀ, ୨୯/୫(ନ୍ୟୁ.ଏ): ଭାରତୀୟ ଯୁବ କ୍ରିକେଟର ଋଷଭ ପନ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରୁ ବାହାରି ଯିବା ପରେ ଲକ୍ଷ୍ନୌ ସୁପର ଜାଏଂଟ୍ସର ଅଧିନାୟକ ପଦ ଛାଡ଼ିଛନ୍ତି । ଶୁକ୍ରବାର ପ୍ରାୟୋଜକ ପକ୍ଷରୁ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପନ୍ତଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯିବା ନେଇ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ପନ୍ତ ନିଜେ ଅଧିନାୟକ ପଦରୁ ଅବ୍ୟାହତି ନେଇ ନିଷ୍ପତି ନେଇଛନ୍ତି । ଲକ୍ଷ୍ନୌ ସୁପର ଜାଏଂଟ୍ସ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, ଋଷଭ ପନ୍ତ ପ୍ରାୟୋଜକଙ୍କ ନିକଟରେ ଅନୁରୋଧ କରିଥିଲେ ଯେ, ଦାୟିତ୍ୱରୁ ବାହାରିଯିବେ । ପନ୍ତଙ୍କ ଅନୁରୋଧକୁ ଟିମ୍ କର୍ତ୍ତୃପକ୍ଷ ଏବଂ ପ୍ରାୟୋଜକ ନିଜର ସହମତିରେ ଏହି ନିଷ୍ପତି ଉପରେ ମୋହର ମାରିଛନ୍ତି । ଅର୍ଥାତ ଏଲ୍‌ଏସ୍‌ଜିର ଅଧିନାୟକ ପଦରୁ ପନ୍ତ ମୁକ୍ତ ହୋଇଛନ୍ତି । ଲକ୍ଷ୍ନୌ ସୁପର ଜାଏଂଟ୍ସର ନିର୍ଦ୍ଦେଶକ ଟମ୍ ମୁଡି ଏହି ନିଷ୍ପତି ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଋଷଭ ପନ୍ତ ନିଜେ ପ୍ରାୟୋଜକଙ୍କ ନିକଟରେ ଅନୁରୋଧ କରିଥିଲେ ଏବଂ ଆମେ ତାଙ୍କର ଫଇସଲାକୁ ସମ୍ମାନ ଦେଇ ଏହାକୁ ସ୍ୱୀକାର କରିଛନ୍ତି । ତାଙ୍କର ଏହି ନିଷ୍ପତି ସାଧାରଣ ନୁହେଁ । ଅଧିନାୟକ ଭାବେ ଋଷଭ ପନ୍ତ ଡ୍ରେସିଂ ରୁମରେ ଯେଉଁ ସହଯୋଗ କରିଛନ୍ତି, ଏଥି ପାଇଁ ଆମେ ତାଙ୍କୁ ଧନ୍ୟବାଦ ଜଣାଉଛୁ । ସେ କହିଛନ୍ତି, ଏବେ ଆମେ ପୂରା ଟିମ୍ ଉପରେ ଫୋକସ କରିବୁ । ଟିମ୍‌କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭଲ ଭିତିଭୂମି ପ୍ରସ୍ତୁତ କରିବୁ । ଏହା ଦ୍ୱାରା ପ୍ରାୟୋଜକ ଭବିଷ୍ୟତରେ ନିଜର ସର୍ବଶ୍ରେଷ୍ଠ ସ୍ଥାନରେ ପହଂଚି ପାରିବ । ଋଷଭ ପନ୍ତ ଅଧିନାୟକ ପଦ ଛାଡ଼ିଲା ପରେ ଏବେ ସବୁଠାରୁ ବଡ଼ ପ୍ରଶ୍ନ ଯେ, ଆଇପିଏଲ୍‌ର ଆଗାମୀ ସଂସ୍କରଣରେ ଲକ୍ଷ୍ନୌ ସୁପର ଜାଏଂଟ୍ସ କେଉଁ ଖେଳାଳିଙ୍କୁ କାହା ହାତରେ ଦାୟିତ୍ୱ ନ୍ୟସ୍ତ କରିବ । ଆଗାମୀ ଦିନରେ ଦଳରେ ଅନେକ ପରିବର୍ତ୍ତନ ଆସିପାରେ । ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ସୁପର ଜାଏଂଟ୍ସର ପ୍ରଦର୍ଶନ କ୍ରମାଗତ ଚର୍ଚ୍ଚା ହେଉଥିଲା । ମାତ୍ର ଟମ୍‌କୁ ଆଶା ଅନୁସାରେ ସଫଳତା ମିଳିପାରି ନଥିଲା । ତେଣୁ ଅଧିନାୟକଙ୍କୁ ନେଇ ପ୍ରଶ୍ନବାଚୀ ଛିଡ଼ା ହୋଇଥିଲା । ଏବେ ପ୍ରାୟୋଜକ କିଛି ନୂଆ କରିବା ନେଇ ସଂକେତ ଦେଇଛି । କୁହାଯାଉଛି ଯେ, ଏଲଏସ୍‌ଜିର ମାଲିକ ସଂଜୀବ ଗୋୟନକା ଟିମ୍ ପରିଚାଳନା ସହିତ ମିଶି ଆସନ୍ତା ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବେ । ଋଷଭ ପନ୍ତ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି । ୨୦୨୪ରେ ତାଙ୍କୁ ଲକ୍ଷ୍ନୌ ସୁପର ଜାଏଂଟ୍ସ (ଏଲ୍‌ଏସ୍‌ଜି) ନିଲାମ କରିଥିଲା । ଏଲ୍‌ଏସ୍‌ଜି ତାଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା । ଦଳ ତାଙ୍କୁ ୨୦୨୨୫ରେ ଅଧିନାୟକ ଦାୟିତ୍ୱ ଦେଇଥିଲା । ଆଇପିଏଲ୍ ୨୦୨୬ରେ ଏଲ୍‌ଏସ୍‌ଜି ୧୦ ନମ୍ବର ସ୍ଥାନରେ ରହିଛି । କିନ୍ତୁ ଗତବର୍ଷ ଦଳ ସପ୍ତମ ସ୍ଥାନରେ ରହିଥିଲା । ଉଭୟ ୨୦୨୫ ଏବଂ ୨୦୨୬ରେ ଋଷଭ ପନ୍ତ ୨୮ଟି ମ୍ୟାଚ୍‌ରେ ଅଧିନାୟକ ଥିଲେ । ତାଙ୍କର ନେତୃତ୍ୱରେ ଦଳ ୧୦ ଥର ବିଜୟୀ ହୋଇଥିଲା । କିନ୍ତୁ ୧୮ଟି ମ୍ୟାଚ୍‌ରେ ହାରିଥିଲା । ସେ ବ୍ୟକ୍ତିଗତ ଭାବେ ଚଳିତ ସଂସ୍କରଣର ୧୪ଟି ମ୍ୟାଚ୍‌ରୁ ୩୧୨ ରନ୍ ସଂଗ୍ରହ କରିଥିଲେ । ଆଇପିଏଲ୍-୨୦୨୫ରେ ୧୪ଟି ମ୍ୟାଚ୍‌ରୁ ୨୬୯ ରନ୍ ସଂଗ୍ରହ କରିଥିଲେ ।

ଏସିଆନ ଗେମ୍ସ ଟ୍ରାଏଲ୍ସ ପାଇଁ ଭିନେଶ ଫୋଗାଟଙ୍କୁ ସୁପ୍ରିମ ଅନୁମତି

ନୂଆଦିଲ୍ଲୀ, ୨୯/୫(ନ୍ୟୁ.ଏ): ଦେଶର ଷ୍ଟାର ରେସଲର ଭିନେଶ ଫୋଗାଟଙ୍କୁ ବଡ଼ ଆଶ୍ୱସ୍ତି । ତାଙ୍କୁ ଏସିଆନ ଗେମ୍ସ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଆଜି ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି । ଏସିଆନ ଗେମ୍ସର ଟ୍ରାଏଲ୍ସରେ ପ୍ରତିଯୋଗିତା କରିବାକୁ ପ୍ରଥମେ ଦିଲ୍ଲୀ ହାଇକୋର୍ଟ ଭିନେଶଙ୍କୁ ଅନୁମତି ଦେଇଥିଲେ । ହେଲେ ଏହାକୁ ଭାରତୀୟ କୁସ୍ତି ମହାସଂଘ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ତେବେ ସୁପ୍ରିମକୋର୍ଟ ଆଜି ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇବାକୁ ମନା କରି ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ ଭିନେଶଙ୍କୁ ଅନୁମତି ଦେଇଥିଲେ ହେଁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଏହି ନିଷ୍ପତିକୁ ହାଇକୋର୍ଟଙ୍କ ଯୁକ୍ତିର ସମର୍ଥନ ଭାବେ ବିବେଚନା କରାଯିବ ନାହିଁ । ଏଥିସହ ହାଇକୋର୍ଟଙ୍କ କିଛି ପର୍ଯ୍ୟବେକ୍ଷଣ ଉପରେ ପ୍ରଶ୍ନ ଉଠାଇବା ସହ ଭିନେଶଙ୍କ ଆଂଟି-ଡୋପିଂ ନିୟମ ପାଳନ ନେଇ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ବିଚାରପତି ପିଏସ୍ ନରସିମା ଓ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଆଜି ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫଆଇ) ପକ୍ଷରୁ ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରିଛନ୍ତି । ଟ୍ରାଏଲ୍ସ ମେ' ୩୦ରୁ ଆରମ୍ଭ ହେବାକୁ ଥିବାରୁ ଶେଷ ମୁହୂର୍ତ୍ତରେ ପ୍ରକ୍ରିୟାକୁ ବାଧା ଦେବା ଉଚିତ ହେବ ନାହିଁ ବୋଲି କୋର୍ଟ ମତ ରଖିଛନ୍ତି । ଏଥିଯୋଗୁ ଭିନେଶଙ୍କୁ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିଛି । ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସମସ୍ତ କୁସ୍ତିଯୋଦ୍ଧାଙ୍କ ପାଇଁ ସମାନ ଭାବରେ ଲାଗୁ ହେଉଥିବା ଯୋଗ୍ୟତା ମାନଦଣ୍ଡକୁ କିପରି ପାତରଅନ୍ତର ବୋଲି କୁହାଯାଇପାରିବ ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି । ମାତୃତ୍ୱ ଓ ଲିଙ୍ଗଗତ ବୈଷମ୍ୟ ସମ୍ପର୍କିତ କିଛି ପର୍ଯ୍ୟବେକ୍ଷଣ ଉପରେ ମଧ୍ୟ କୋର୍ଟ ଆପତି ଉଠାଇଥିଲେ । କୋର୍ଟଙ୍କ ମତରେ, କେବଳ ଏହି କାରଣଗୁଡ଼ିକ ଆଧାରରେ କ୍ରୀଡ଼ା ପ୍ରଶାସନରେ ନ୍ୟାୟିକ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ । ଶୁଣାଣି ବେଳେ "ଦେଶ ପ୍ରଥମ" ବିଷୟଟି ବାରମ୍ବାର ଉଠିଥିଲା । ଭାରତର ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନେ ସମସ୍ତ ଯୋଗ୍ୟତା ଓ ନିୟମ ପାଳନ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି । ଏହି ସମୟରେ ଦେଶ ପାଇଁ ଭିନେଶ ହାସଲ କରିଥିବା ସଫଳତାକୁ ମଧ୍ୟ ସମ୍ମାନ ଜଣାଇଛନ୍ତି । ଭିନେଶ ଜଣେ ସାଧାରଣ ଖେଳାଳି ନୁହନ୍ତି ଓ ସେ ଜଣେ ବିଶ୍ୱ ଚାମ୍ପିଅନ୍ ଓ ଅଲିମ୍ପିଆନ୍ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି । ସୁପ୍ରିମକୋର୍ଟ ଆଂଟି-ଡୋପିଂ ନିୟମ ପାଳନକୁ ଗୁରୁତ୍ୱ ଦେଇଛନ୍ତି । ଭିନେଶ କିଛି ଡୋପିଂ ପରୀକ୍ଷା ମିସ୍ କରିଥିଲେ ଓ ଏହାର କାରଣ ଜଣାଇବାରେ ସେ ସମର୍ଥ ହୋଇ ନଥିଲେ ବୋଲି କୁସ୍ତି ମହାସଂଘ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା । ଏହା ଶୁଣିବା ପରେ ଜାତୀୟ ଦଳରେ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଖେଳାଳିଙ୍କ ମାମଲାରେ ଏଭଳି ବିଷୟକୁ ହାଲୁକା ଭାବରେ ନିଆ ଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ଅନ୍ତର୍ଜାତୀୟ ଆଂଟି-ଡୋପିଂ ନିୟମ ଅନୁଯାୟୀ ବାରମ୍ବାର ଏପରି ତ୍ରୁଟି ହେଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ଅଦାଲତ ସତର୍କ କରାଇ ଦେଇଛନ୍ତି ।

ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବିତାଡ଼ିତ କରିବାକୁ ପଦକ୍ଷେପ

କୁଚବିହାର, ୨୯/୫(ନ୍ୟୁ.ଏ): ପଶ୍ଚିମବଙ୍ଗର ନବନିର୍ବାଚିତ ସରକାରଙ୍କ ଅଧୀନରେ ଭାରତ-ବାଂଲାଦେଶ ସୀମାରେ ସୀମା ସୁରକ୍ଷା ଜୋରଦାର ହୋଇଛି । ଏହା ଉତରବଙ୍ଗର ସୀମାରେ ଗୋରୁ ଚୋରାଚାଲାଣ ଓ ଅନୁପ୍ରବେଶର ଶିକାର ହେଉଥିବା ଅନେକ ଗ୍ରାମ ପାଇଁ ଆଶ୍ୱସ୍ତି ଆଣିଛି । ଅନ୍ତର୍ଜାତୀୟ ସୀମା ନିକଟରେ ରହୁଥିବା ଗ୍ରାମବାସୀମାନେ କହିଛନ୍ତି ଯେ ନିକଟରେ ବାଡ଼ ନିର୍ମାଣ କାର୍ଯ୍ୟ ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)କୁ ଜମି ହସ୍ତାନ୍ତର କରିବା ନିରାପତା ଉପରେ ଆତ୍ମବିଶ୍ୱାସରେ ଉନ୍ନତି ଆଣିଛି । ବିଏସ୍‌ଏଫ୍ ଆଉଟପୋଷ୍ଟ ଓ ସୀମା ବାଡ଼ ନିର୍ମାଣକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମକୁ ଜୋରଦାର କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, କୁଚବିହାର, ଜଳପାଇଗୁଡ଼ି, ଦାର୍ଜିଲିଂ, ଉତର ଦିନାଜପୁର, ଦକ୍ଷିଣ ଦିନାଜପୁର, ମାଲଦା, ମୁର୍ଶିଦାବାଦ, ନଦିଆ ଓ ଉତର ୨୪ ପ୍ରଗଣା ସମେତ ଏକାଧିକ ସୀମାନ୍ତ ଜିଲ୍ଲାରେ ୧୪୨.୭୯ ଏକର ଜମି ବିଏସ୍‌ଏଫ୍‌କୁ ହସ୍ତାନ୍ତର କରାଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଏହି ଘଟଣାକୁ ପ୍ରଶଂସା କରି କହିଛନ୍ତି ଯେ ବାଂଲାଦେଶ ସୀମାକୁ ମଜବୁତ କରିବା ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି । ତିନିଜଣ ନେତାର ୧୨୧ ହେକ୍ଟର ଜମି ମଧ୍ୟ ଭାରତ ସରକାରଙ୍କୁ ଦିଆଯାଇଛି । ଏବେ ଅନୁପ୍ରବେଶକାରୀମାନେ ଆପେ ଆପେ ଫେରି ଯାଉଛନ୍ତି ବୋଲି ସେ କହିଛନ୍ତି । ବେଆଇନ ଅନୁପ୍ରବେଶ ବିରୋଧରେ ରାଜ୍ୟ ସରକାରଙ୍କ 'ଚିହ୍ନଟ, ବିଲୋପ ଓ ଦେଶାନ୍ତର' ନୀତି ବିଷୟରେ ମଧ୍ୟ ଶାହ ଉଲ୍ଲେଖ କରିଛନ୍ତି ଏବଂ କହିଛନ୍ତି ଯେ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କୁ ପରବର୍ତୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ରଖିବା ପାଇଁ ଅଟକ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଗୁରୁବାର ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ବର୍ତମାନ ବଙ୍ଗଳାର ସୀମାବର୍ତୀ ଜିଲ୍ଲାଗୁଡ଼ିକରେ ଅଟକ କେନ୍ଦ୍ରରେ ୩୮୬ ଜଣଙ୍କୁ ରଖାଯାଇଛି । ଉତର ୨୪ ପ୍ରଗଣାର ବସିରହାଟ ପୁଲିସ ଜିଲ୍ଲାରୁ ସର୍ବାଧିକ ସଂଖ୍ୟା ରିପୋର୍ଟ ହୋଇଛି । ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରିବା ଓ ବିତାଡିତ କରିବା ପାଇଁ ନୂତନ ରାଜ୍ୟ ସରକାରଙ୍କ ନୀତି ଅନୁଯାୟୀ ଏହା କରାଯାଉଛି।

ଆମେରିକୀୟ ଯୁଦ୍ଧବିମାନକୁ ଖସାଇଥିବା ଦାବି କଲା ଇରାନ

ତେହେରାନ/ୱାସିଂଟନ, ୨୯/୫(ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଘନଘନ ସାମରିକ ଗତିବିଧି ମଧ୍ୟରେ ଇରାନ ଓ ଆମେରିକା ମଧ୍ୟରେ ଏକ ନୂଆ ବିବାଦ ମୁଣ୍ଡ ଟେକିଛି । ଆଜି ଇରାନର ସରକାରୀ ଟେଲିଭିଜନ ପକ୍ଷରୁ ଏକ ଚାଂଚଲ୍ୟକର ଦାବି କରାଯାଇଛି ଯେ, ଦକ୍ଷିଣ ଇରାନର ଅତି ସମ୍ବେଦନଶୀଳ ବୁଶେହର ପରମାଣୁ କେନ୍ଦ୍ର ନିକଟରେ ଆମେରିକାର ଏକ ଯୁଦ୍ଧବିମାନକୁ ସଫଳତାର ସହ ନଷ୍ଟ କରାଯାଇଛି । ତେବେ ୱାସିଂଟନ ପକ୍ଷରୁ ଏହି ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରାଯିବା ସହ ଏହାକୁ ଏକ ମିଥ୍ୟା ଅପପ୍ରଚାର ବୋଲି କୁହାଯାଇଛି । ଇରାନର ଦାବି ଅନୁସାରେ, ଆମେରିକାର ଏହି ବିମାନଟି ବୁଶେହର ପ୍ରଦେଶର ଆକାଶମାର୍ଗରେ ସନ୍ଦେହଜନକ ଭାବେ ଗତି କରୁଥିବା ବେଳେ ଇରାନର ପ୍ରତିରକ୍ଷା ବାହିନୀ ଏହାକୁ ଚିହ୍ନଟ କରି ଗୁଳି କରି ଖସାଇ ଦେଇଛି । ତେବେ ଏହି ବିମାନଟି କେଉଁ ମଡେଲର ଥିଲା, ସେ ସମ୍ପର୍କରେ ତେହେରାନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଇରାନ ପ୍ରଶାସନ ଏହି ସଫଳତାକୁ ନିଜର ପ୍ରତିରକ୍ଷା ପ୍ରଣାଳୀର ଦୃଢ଼ ସାମର୍ଥ୍ୟ ଏବଂ ଆମେରିକା-ଇସ୍ରାଏଲର ମିଳିତ ସାମରିକ ଅଭିଯାନ ବିରୋଧରେ ଏକ ଦୃଢ଼ ଜବାବ ବୋଲି ଦର୍ଶାଇଛି । ଅନ୍ୟପକ୍ଷରେ ଆମେରିକାର ସାମରିକ ବିଭାଗ ପେଂଟାଗନ ଇରାନର ଦାବିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ କୌଣସି ବିମାନ ନଷ୍ଟ ହୋଇନାହିଁ । ଏହି ଦାବିକୁ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରମାତ୍ମକ ବୋଲି ପେଂଟାଗନ କହିଛି ।

ମୌସୁମୀ ବେଳେ ମାଡ଼ ହେବ ଏଲ ନିନୋ, ବର୍ଷାର ପରିମାଣକୁ କରିବ ଧିମା



ନୂଆଦିଲ୍ଲୀ, ୨୯/୫(ନ୍ୟୁ.ଏ): ଭୟଙ୍କର ତଥା ଚିନ୍ତାଜନକ ଖବର ଦେଇଛି ଭାରତୀୟ ପାଣିପାଗ ବିଭାଗ । ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହିଁ ଭାରତକୁ ହିଟ କରିବ ଏଲ ନିନୋ । ଏହା ମୌସୁମୀ ବର୍ଷାକୁ ଦେଶରେ ଧିମା କରି ଦେବ । ଗତ ୩ ବର୍ଷ ମଧ୍ୟରେ ଏଲ ନିନୋ ଯୋଗୁ ଦେଶରେ ସବୁଠାରୁ କମ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ତାଙ୍କ କହିବା କଥା ଯେ ଏଲ ନିନୋର ପ୍ରଭାବ ଦେଶରେ ସେପ୍ଟେମ୍ବର ଯାଏ ରହିବ । ଆଗାମୀ ମୌସୁମୀ ଋତୁରେ ଦେଶରେ ସ୍ୱାଭାବିକ ଠାରୁ କମ ବର୍ଷା ହେବ ବୋଲି ଆଇଏମଡି ନିଜ ଆକଳନରେ କାଏମ ରହିବାର କିଛି ଘଂଟା ପରେ ଡକ୍ଟର ମହାପାତ୍ରଙ୍କ ଏଲ ନିନୋ ବୟାନ ସାମ୍ନାକୁ ଆସିଛି । ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗର ଜଳର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାର ଗୋଟିଏ ପ୍ରାକୃତିକ ଘଟଣା, ଯାହା ଏସିଆ ସମେତ ବିଶ୍ୱର ବିଭିନ୍ନ ଅଂଚଳର ପାଣିପାଗ ଚକ୍ରକୁ ପ୍ରଭାବିତ କରେ । ପୂର୍ବାନୁମାନ ଅନୁସାରେ ୨୦୨୬ ଜୁନ୍ ମାସରୁ ଏହାର ପ୍ରଭାବ ଆରମ୍ଭ ହୋଇପାରେ । ଭାରତ ଏହାଦ୍ୱାରା ପ୍ରଭାବିତ ହେବ । ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବା କଥା ଯେ ଏଲ ନିନୋ ସମ୍ଭବତଃ ଜୁନ ମାସରେ ନିଜର ଉପସ୍ଥିତ ଜାହିର କରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ସାମାନ୍ୟ ଦୁର୍ବଳ ରହିବ । ଜୁଲାଇ ମଧ୍ୟ ଭାଗ ଓ ଅଗଷ୍ଟ ବେଳକୁ ଏହା ମଧ୍ୟମଧରଣର ଶକ୍ତିଶାଳୀ ହେବ । ହେଲେ ସେପ୍ଟେମ୍ବର ବେଳକୁ ଏଲ ନିନୋ ପୂର୍ଣ୍ଣ ଶକ୍ତି ହାସଲ କରି ସାରିଥିବ । ଏଲ ନିନୋ ଶକ୍ତିଶାଳୀ ହେବା ମାତ୍ରେ ଏହାର ପ୍ରଭାବ ପୂରା ଭାରତ ଓ ବିଶ୍ୱ ଉପରେ ପଡ଼ିବ । ବର୍ଷା ସମୟକ୍ରମେ ଧିମା ହୋଇଯିବ ଓ ତାପମାତ୍ରାକୁ ବୃଦ୍ଧି କରିବ । ଏହାପୂର୍ବରୁ ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ମଧ୍ୟ ଏଲ ନିନୋର ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଅଷ୍ଟ୍ରେଲିଆର ବ୍ୟୁରୋ ଅଫ ମେଟ୍ରୋଲୋଜି ନିକଟରେ ଆକଳନ କରିଥିଲା ଯେ ଏଲ ନିନୋ ପରିସ୍ଥିତି ଜୁନ ଆରମ୍ଭରୁ ଦେଖାଯିବ । ଚୀନର ଜାତୀୟ ପାଣିପାଗ କେନ୍ଦ୍ର ମଧ୍ୟ କହିଛି ଯେ ପ୍ରଶାନ୍ତ ମହାସାଗର ଉତପ୍ତ ଏଲ ନିନୋ ପର୍ଯ୍ୟାୟରେ ପ୍ରବେଶ କରି ସାରିଛି ଓ ଆଗାମୀ ମାସଗୁଡ଼ିକରେ ଏହା ଆହୁରି ଶକ୍ତିଶାଳୀ ହେବ । ଏହି ଚିନ୍ତା ମଧ୍ୟରେ ନାସା ପକ୍ଷରୁ ଉପଗ୍ରହ ନୀରୀକ୍ଷଣର ବିଶ୍ଳେଷଣ କରାଯାଉଛି । ଏଥିରୁ ନାସା ଜାଣିବାକୁ ପାଉଛି ଯେ ପ୍ରଶାନ୍ତ ମହାସାଗରରେ ଏବେ ବିଶାଳ ଗରମ ପାଣିର ଆସ୍ତରଣ ଜମା ହେବାରେ ଲାଗିଛି । ଏହି ଉତପ୍ତ ପୃଷ୍ଠ ହିଁ ଏଲ ନିନୋ ସୃଷ୍ଟିର ପ୍ରମୁଖ କାରଣ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଭାରତ ପାଇଁ ଏଲ ନିନୋର ଆଗମନ ଅତ୍ୟନ୍ତ ଚିନ୍ତାର ବିଷୟ । କାରଣ ଏଲ ନିନୋ ପାରମ୍ପରିକ ଭାବେ ଭାରତର ମୌସୁମୀ ବର୍ଷାକୁ ପ୍ରଭାବିତ କରେ । ଏଥିସହ ହିଟୱେଭକୁ ବୃଦ୍ଧି କରେ, ଚାଷୀଙ୍କୁ ଚିନ୍ତାରେ ପକାଏ ଓ ପାଣି ସମ୍ପଦ ଉପରେ ପ୍ରଭାବ ପକାଇଥାଏ । ଏଥର ମଧ୍ୟ ସ୍ଥିତି ସେଭଳି କିଛି ହୋଇପାରେ ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das